ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.55 Bhubaneswar Wednesday, April 07, 2021 | ୨୪ତମ ବର୍ଷ ସଂଖ୍ୟା-୫୫ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୦୭, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ମୁଖ୍ୟମନ୍ତ୍ରୀଙ୍କ କରୋନା ସମୀକ୍ଷା : ବରିଷ୍ଠ ଅଧିକାରୀମାନଙ୍କୁ ପଶ୍ଚିମାଂଚଳ ଜିଲ୍ଲା ଯିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୬।୪(ପି.ଏନ): କରୋନା ସଂକ୍ରମଣକୁ ହ୍ରାସ କରିବା ପାଇଁ ରାଜ୍ୟରେ ଅଧିକ ପୋଲିସ ମୁତୟନ କରିବା ସହ ୧୦ ଦିନ ପାଇଁ ସ୍ୱତନ୍ତ୍ର ଅଭିଯାନ ଚଳାଇବାକୁ ମୁଖ୍ୟମନ୍ତ୍ରୀ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଛତିଶଗଡ଼ ସୀମାନ୍ତରେ ଥିବା ରାଜ୍ୟର ପଶ୍ଚିମାଂଚଳ ଜିଲ୍ଲାମାନଙ୍କରେ କରୋନା ରୋଗ ସଂକ୍ରମଣ ବ୍ୟାପୁଥିବାରୁ ତା' ଉପରେ ଅନୁଧ୍ୟାନ କରିବା ପାଇଁ ସମ୍ପୃକ୍ତ ଜିଲ୍ଲାମାନଙ୍କୁ ଗସ୍ତରେ ଯିବା ପାଇଁ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ଏହି ଜିଲ୍ଲାମାନଙ୍କରେ ଅଧିକ ଡାକ୍ତର, ପାରାମେଡ଼ିକାଲ ଷ୍ଟାଫ୍, ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଦେବା ସହ ଅଧିକ ଆମ୍ବୁଲାନ୍ସ, ବେଡ୍, ଲ୍ୟାବ ଟେକ୍ନିସିଆନ୍ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏସବୁ ସୁବିଧା ଯୋଗାଇଦେବା କ୍ଷେତ୍ରରେ ଯେଉଁଳି ଅଭିଯୋଗ ନଆସେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ରାଜ୍ୟରେ ଦେଖାଦେଇଥିବା କରୋନାରଦ୍ୱିତୀୟ ଲହରୀ ସ୍ଥିତି ସମ୍ପର୍କରେ ମଙ୍ଗଳବାରଦିନ ସମୀକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜିଲ୍ଲାପାଳମାନ ଓ ଭୁବନେଶ୍ୱର-କଟକର ମ୍ୟୁନିସପାଲ କମିଶନରଙ୍କ ସହିତ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ସଂକ୍ରମଣ ବ୍ୟାପୁଥିବା ପଶ୍ଚିମ ଓଡ଼ିଶା ପ୍ରତି ଅଧିକ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଥିଲେ ଯେ ଛତିଶଗଡ ସୀମାନ୍ତବର୍ତୀ ଜିଲ୍ଲାଗୁଡିକ ଉପରେ ସତର୍କ ନଜର ରଖାଯିବ। ପଶ୍ଚିମ ଓଡିଶାର ଅଧିକ ପ୍ରଭାବିତ ଅଂଚଳକୁ ମୁଖ୍ୟ ଶାସନ ସଚିବ, ଓ ବରିଷ୍ଠ ଅଧିକାରୀମାନେ ଗସ୍ତ କରିବେ ଏବଂ ପରିସ୍ଥିତିର ଆକଳନ କରି ଜରୁରୀ ପଦକ୍ଷେପ ଗ୍ରହଣ କରିବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଶ୍ଚିମ ଓଡିଶାର ପ୍ରଭାବିତ ଜିଲ୍ଲାମାନଙ୍କରେ ସ୍ଥିତି ଆକଳନ କରି ଦରକାର ଅନୁସାରେ ଡାକ୍ତର, ପାରାମେଡିକ୍‌ସ, ଲାବ୍ ଟେକ୍‌ନିସିଆନ ମାନଙ୍କୁ ନିୟୋଜିତ କରି ସେଠାରେ ମାନବ ସମ୍ବଳକୁ ମଜବୁତ କରାଯିବ।ଆବଶ୍ୟକସ୍ଥଳେ ହସ୍‌ପିଟାଲ ଗୁଡିକରେ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯିବ। ଅକ୍‌ସିଜେନ ସୁବିଧା ସହିତ ପର୍ଯ୍ୟାପ୍ତ ପରିମାଣର ଆମ୍ବୁଲାନ୍‌ସକୁ ମୁତୟନ କରାଯିବ। ଜରୁରୀ କଲ୍ ଗୁଡିକୁ ଗୁରୁତର ସହ ନେଇ ତତ୍ପରତାର ସହ ଯେପରି ପଦକ୍ଷେପ ନିଆଯିବ, ସେଥିପାଇଁ ତଦାରଖ ବ୍ୟବସ୍ଥାକୁ ସୁଦୃଢ କରାଯିବ ।କୋଭିଡ ନିୟମାବଳୀର କଡାକଡି ଅନୁପାଳନ ନିମନ୍ତେ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ମୁତୟନ କରାଯାଇ ୧୦ ଦିନ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ। ହାତ ଧୋଇବା, ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବିଷୟରେ ବ୍ୟାପକ ସଚେତନତା ପାଇଁ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ।ସଚେତନତା ତଥା କୋଭିଡ ନିୟମର ଅନୁପାଳନ ନିମନ୍ତେ ଜିଲ୍ଲାପାଳ ମାନେ ସମାଜର ସବୁ ବର୍ଗର ଜନସାଧାରଣ, ବିଶେଷତଃ ପଂଚାୟତ ପ୍ରତିନିଧି, ମିଶନ ଶକ୍ତି ଗ୍ରୁପ ଆଦିଙ୍କୁ ନେଇ ବ୍ୟାପକ କାର୍ଯ୍ୟକ୍ରମ ତୁରନ୍ତ ଆରମ୍ଭ କରିବେ।ବ୍ୟକ୍ତିଗତ ତଥା ଆନୁଷ୍ଠାନିକ ସ୍ତରରେ (ଅଫିସ୍ , ଶିକ୍ଷାନୁଷ୍ଠାନ, ବ୍ୟାବସାୟିକ ପ୍ରତିଷ୍ଠାନ ) କୋଭିଡ ନିୟମ ପାଳନକୁ କଡାକଡି ପାଳନ ପାଇଁ ତଦାରଖ ବ୍ୟବସ୍ଥାକୁ ମଜବୁତ କରାଯିବ। ଯେହେତୁ ଏହା ଲୋକଙ୍କ ଜୀବନମରଣ ସହ ଜଡିତ, ତେଣୁ ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜନସାଧାରଣ ସତର୍କ ରହିବା ସହ କୋଭିଡ ନିୟମାବଳୀ ପାଳନ କରିବା ଏବଂ ସଂକ୍ରମଣ ନିୟନ୍ତ୍ରଣରେ ସରକାରଙ୍କ ସହ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଥିଲେ ।ନବରଙ୍ଗପୁରର ଖ୍ରୀଷ୍ଟିଆନ ହସ୍‌ପିଟାଲରେ ଖୋଲା ଯାଇଥିବା କୋଭିଡ ହସ୍‌ପିଟାଲର ପ୍ରାପ୍ୟ ୪୫ ଲକ୍ଷ ୬୦ ହଜାର ଟଙ୍କା ଏପର୍ଯ୍ୟନ୍ତ ନାଲ୍‌କୋ ପକ୍ଷରୁ ପଇଠ କରାଯାଇ ନଥିବାରୁ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ତୁରନ୍ତ ମଞ୍ଜୁର କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ରାଜ୍ୟର ସମସ୍ତ ସୀମାନ୍ତବର୍ତୀ ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ସତର୍କ କରାଯିବା ସହିତ ଅନ୍ୟ ରାଜ୍ୟରୁ ଆସୁଥିବା ଲୋକମାନଙ୍କ ଟେଷ୍ଟିଂ ପାଇଁ ପରାମର୍ଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ରାଜ୍ୟରେ ବର୍ତମାନ କୋଭିଡର ସ୍ଥିତି ଏବଂ ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ ।ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ ପାଣ୍ଡିଆନ୍ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ଏହି ବୈଠକରେ ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର, ପୋଲିସ ମହାନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଦିଲ୍ଲୀରେ ରାତି ୧୦ଟାରୁ ସକାଳ ୫ଟା ଯାଏ ନାଇଟ୍ କର୍ଫ୍ୟୁ

ନୂଆଦିଲ୍ଲୀ, ୬।୪(ପି.ଏନ): ଦିଲ୍ଲୀ ସରକାର ଘୋଷଣା କରିଛନ୍ତି ଯେ, ମଙ୍ଗଳବାର ଠାରୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ଦିଲ୍ଲୀରେ ରାତ୍ରି ୧୦ ରୁ ସକାଳ ୫ ପର୍ଯ୍ୟନ୍ତ ରାତ୍ରି କର୍ଫ୍ୟୁ ହେବ। ଦିଲ୍ଲୀରେ କରୋନା ଭାଇରସ ସଂକ୍ରମଣର ବୃଦ୍ଧି ମାମଲାକୁ ଦୃଷ୍ଟିରେ ରଖି ମଙ୍ଗଳବାର ରାତିରୁ ନାଇଟ୍ କର୍ଫ୍ୟୁ ଘୋଷଣା କରାଯାଇଛି । ରାତି କର୍ଫ୍ୟୁରେ ରାତି ୧୦ଟାରୁ ସକାଳ ୫ ପର୍ଯ୍ୟନ୍ତ ଲୋକଙ୍କୁ ଘରୁ ବାହାରକୁ ଯିବାକୁ ଦିଆଯିବ ନାହିଁ । ମାରାତ୍ମକ କରୋନା ଜୀବାଣୁ ପୁଣି ଥରେ ଦିଲ୍ଲୀରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଗୋଟିଏ ଦିନରେ ଆସୁଥିବା ସକାରାତ୍ମକ ମାମଲା ସଂଖ୍ୟା ୪ ହଜାର ଅତିକ୍ରମ କରିଥିବା ବେଳେ ଦିଲ୍ଲୀରେ କଂଟେନମେଂଟ ଜୋନ୍ ସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଦିଲ୍ଲୀରେ କରୋନା ରୋକିବା ପାଇଁ ଦିଲ୍ଲୀ ସରକାର ମାଇକ୍ରୋ କଂଟେନମେଂଟ ଜୋନ ପଲିସିକୁ ଏକ ଅସ୍ତ୍ରରେ ପରିଣତ କରିଛନ୍ତି ।ସୂଚନାଯୋଗ୍ୟ ଯେ, ଦିଲ୍ଲୀରେ କରୋନା ମାମଲା ବଢ଼ିବାରେ ଲାଗିଛି। ଦିଲ୍ଲୀ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଏପ୍ରିଲ ୫ରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଦିଲ୍ଲୀରେ ୩୦୯୦ ସକ୍ରିୟ କଂଟେନମେଂଟ ଜୋନ୍ ସୃଷ୍ଟି କରାଯାଇଛି ।




ମହର୍ଷି ପବ୍ଲିକ ସ୍କୁଲ ସମୂହର ନିର୍ଦ୍ଦେଶିକା ଶ୍ରୀମତୀ ହେନା ମହାପାତ୍ର ନୟାପଲ୍ଲିସ୍ଥିତ ସିମ୍ପୁଲ କେୟାର ନର୍ସିଂହୋମରେ କରୋନା ଟିକାର ପ୍ରଥମ ଡୋଜ ନେଉଛନ୍ତି

## ୨୪ ଘଂଟାରେ ୫୮୮ କରୋନା ଆକ୍ରାନ୍ତ ଚିହ୍ନଟ , ଖୋର୍ଦ୍ଧାରୁ ସର୍ବାଧିକ ୧୦୫

ଭୁବନେଶ୍ୱର, ୬।୪(ପି.ଏନ): ରାଜ୍ୟ ପୁଣିରେ ଥରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଗତକାଲି ୫୭୩ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଆଜି ଏହି ସଂଖ୍ୟା ୫୮୮କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ୩୪୨ ଜଣ କ୍ୱାରାଂଟିନରେ ଥିବାବେଳେ ୨୪୬ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି । ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୦୫ ଜଣ ପଜିଟିଭ୍ ରହିଛନ୍ତି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ସୂଚନା ମୁତାବକ ଅନୁଗୁଳରେ ୫ ଜଣ, ବାଲେଶ୍ୱରରେ ୧୩ ଜଣ, ବରଗଡ଼ରେ ୨୧ ଜଣ, ଭଦ୍ରକରେ ୯ ଜଣ, ବଲାଙ୍ଗୀରରେ ୧୧ ଜଣ, କଟକରେ ୩୦ ଜଣ, ଦେବଗଡ଼ରେ ୪, ଢେଙ୍କାନାଳରେ ୬ ଓ ଜଗତସିଂହପୁରରେ ୩ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଗଜପତିରେ ୧ ଜଣ, ନୂତନ ଆକ୍ରାନ୍ତଙ୍କ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭଙ୍କ ସଂଖ୍ୟା ୩,୪୩,୮୫୬କୁ ବୃଦ୍ଧି ପାଇଛି।




## ଭୁବନେଶ୍ୱରରୁ ୧୦୧ କରୋନା ପଜିଟିଭ୍

ଭୁବନେଶ୍ୱର, ୬।୪(ପି.ଏନ): ଭୁବନେଶ୍ୱରରେ କରୋନା ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଛି। ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଅଙ୍କ ପାର୍ କରିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ମଙ୍ଗଳବାର ଦିନ ୧୦୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮୦ ଲୋକାଲ କେସ୍ ଥିବା ବେଳେ ୨୧ କ୍ୱାରେଂଟାଇନରୁ ରହିଛନ୍ତି। ସେହିପରି ଆଜି ୩୩ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ଟ୍ୱିଟ୍ କରି ସୂଚନା ଦେଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ବିଏମ୍‌ସି ଅଂଚଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୨୮୩୨କୁ ବୃଦ୍ଧି ପାଇଛି। ୨୫୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୨୦୦୬ ଜଣ ଆରୋଗ୍ୟ ହୋଇସାରିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରରେ ମୋଟ୍ ଆକ୍ଟିଭ କେସ୍ ସଂଖ୍ୟା ୫୫୫କୁ ବୃଦ୍ଧି ପାଇଛି। ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଖଣ୍ଡଗିରି ଅଂଚଳରୁ ସର୍ବାଧିକ ୧୨ ଜଣ ,ରସୁଲଗଡରୁ ୭ ଜଣ, ଓଲ୍ଡଟାଉନ୍ ରୁ ୬ ଜଣ, ନୟାପଲ୍ଲୀ , ପଟିଆ ଓ ସହୀଦନଗରରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଲକ୍ଷ୍ମୀସାଗରରୁ ୩ ଜଣ, ଟଙ୍କପାଣି ରୋଡ୍, ଭରତପୁର, ବମିଖାଲ, ଚିନ୍ତାମଣିଶ୍ୱର ,ସୁନ୍ଦରପଦାରୁ ୨ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି।

## ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଭାବେ ଶ୍ରୀ ଜଷ୍ଟିସ ନଥାଲପତି ଭେଙ୍କଟ ରମଣଙ୍କୁ ନିଯୁକ୍ତି

ନୂଆଦିଲ୍ଲୀ, ୬।୪(ପି.ଏନ): ଭାରତୀୟ ସମ୍ବିଧାନର ଧାରା ୧୨୪ର ଖଣ୍ଡ (୨)ରେ ଥିବା କ୍ଷମତାକୁ ପ୍ରୟୋଗ କରି ଭାରତର ରାଷ୍ଟ୍ରପତି ସୁପ୍ରିମକୋର୍ଟ ବିଚାରପତି ଶ୍ରୀ ଜଷ୍ଟିସ ନଥାଲପତି ଭେଙ୍କଟ ରମଣଙ୍କୁ ଭାରତର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରିଛନ୍ତି । ଏ ବାବଦରେ ଆଜି ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ନ୍ୟାୟ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ନିଯୁକ୍ତି ଅଧିକାର ଏବଂ ନିଯୁକ୍ତି ସଂକ୍ରାନ୍ତ ବିଜ୍ଞପ୍ତିର ନକଲକୁ ଶ୍ରୀ ଜଷ୍ଟିସ ଏନ.ଭି. ରମଣଙ୍କୁ ହସ୍ତାନ୍ତର କରାଯାଇଛି । ଜଷ୍ଟିସ ନଥାଲପତି ଭେଙ୍କଟ ରମଣ ୨୦୨୧ ଏପ୍ରିଲ ୨୪ରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ । ସେ ଭାରତର ୪୮ତମ ମୁଖ୍ୟ ବିଚାରପତି ହେବେ । ଜଷ୍ଟିସ ରମଣ ଆନ୍ଧ୍ର ପ୍ରଦେଶର କ୍ରିଷ୍ଣା ଜିଲ୍ଲା ଅଧୀନ ପୋନ୍ନାବରମ ଗ୍ରାମର ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ଉତ୍ସାହୀ ପାଠକ ଏବଂ ସାହିତ୍ୟରେ ତାଙ୍କର ରୁଚି ରହିଛି । କର୍ଣ୍ଣାଟକୀ ସଙ୍ଗୀତକୁ ସେ ଯଥେଷ୍ଟ ପସନ୍ଦ କରନ୍ତି ।୧୦-୦୨-୧୯୮୩ରେ ତାଙ୍କୁ ବାରକୁ ଆମନ୍ତ୍ରଣ କରାଯାଇଥିଲା । ସେ ଆନ୍ଧ୍ର ପ୍ରଦେଶ ହାଇକୋର୍ଟ, କେନ୍ଦ୍ରୀୟ ଏବଂ ଆନ୍ଧ୍ର ପ୍ରଦେଶ ପ୍ରଶାସନିକ ଟ୍ରିବ୍ୟୁନାଲ ଓ ଭାରତର ସୁପ୍ରିମକୋର୍ଟରେ ଓକିଲାତି କରିଥିଲେ । ସମ୍ବିଧାନ, ନାଗରିକ, ଶ୍ରମ, ସେବା ଓ ନିର୍ବାଚନ ପ୍ରସଙ୍ଗରେ ତାଙ୍କର ବିଶେଷ ଅଭିଜ୍ଞତା ରହିଛି । ଏଥିସହ ଆନ୍ତଃ-ରାଜ୍ୟ ଜଳ ବିବାଦ ଟ୍ରିବ୍ୟୁନାଲ ଗୁଡ଼ିକରେ ମଧ୍ୟ ସେ ଓକିଲାତି କରିଛନ୍ତି । ନିଜ ଓକିଲାତି ବର୍ଷଗୁଡ଼ିକରେ ସେ ଆନ୍ଧ୍ର ପ୍ରଦେଶର ଅତିରିକ୍ତ ଆଡଭୋକେଟ ଜେନେରାଲ ଭାବେ ସେବା ଦେବା ପୂର୍ବରୁ ହାଇଦ୍ରାବାଦରେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲରେ ରେଳପଥ ପାଇଁ ଅତିରିକ୍ତ ଷ୍ଟାଣ୍ଡିଙ୍ଗ କାଉନସେଲ ଓ ବିଭିନ୍ନ ସରକାରୀ ସଂଗଠନ ପାଇଁ ଜଣେ ପ୍ୟାନେଲ କାଉନସେଲ ଭାବେ କାର୍ଯ୍ୟ କରିଥିଲେ ।ଜଷ୍ଟିସ ନଥାଲପତି ଭେଙ୍କଟ ରମଣ ୧୭-୦୨-୨୦୧୪ରୁ ଭାରତର ସର୍ବୋଚ୍ଚ ଅଦାଲତରେ ଉପନ୍ୟାୟାଧୀଶ ଭାବେ କାର୍ଯ୍ୟ କରିଥିଲେ । ୨୦୧୯ ମାର୍ଚ୍ଚ ୭ରୁ ୨୦୧୯ ନଭେମ୍ବର ୨୬ ପର୍ଯ୍ୟନ୍ତ ସୁପ୍ରିମକୋର୍ଟ ନ୍ୟାୟିକ ସେବା କମିଟିର ଅଧ୍ୟକ୍ଷ ରହିଥିଲେ । ୨୭-୧୧-୨୦୧୯ରୁ ସେ ଜାତୀୟ ନ୍ୟାୟିକ ସେବା ପ୍ରାଧିକରଣ (ଏନଏଏଲଏସଏ)ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ମଧ୍ୟ ସେବା ଯୋଗାଇଥିଲେ । ପ୍ରଥମେ ୨୭-୦୬-୨୦୦୦ରୁ ସେ ଆନ୍ଧ୍ର ପ୍ରଦେଶ ହାଇକୋର୍ଟର ଜଣେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ଏମିତି କି ନିଜ ମୂଳ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ସେ ୧୦-୩-୨୦୧୩ରୁ ୨୦-୫-୨୦୧୩ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ।

## ଏଣିକି ୧୦ ଦିନରେ ମିଳିବ ଆୟ ଓ ସମ୍ପତି ପ୍ରମାଣପତ୍ର

ଭୁବନେଶ୍ୱର, ୬।୪(ପି.ଏନ): ଏଣିକି କମ୍ ଦିନ ଭିତରେ ମିଳିବ ଆୟ ଓ ସମ୍ପତି ସମେତ ବିଭିନ୍ନ ପ୍ରମାଣପତ୍ର । ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ମଙ୍ଗଳବାର ଦିନ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି।

## ଆଜିଠୁ ବଢ଼ିବ ତାତି

ଭୁବନେଶ୍ୱର, ୬।୪(ପି.ଏନ): ଆସନ୍ତାକାଲି (ବୁଧବାର)ଠାରୁ ରାଜ୍ୟରେ ପୁଣି ତାତି ବଢ଼ିବ। ୨/୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଦିନର ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ। ଅଧିକାଂଶ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବ। ବିଶେଷ କରି ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର , ଦେବଗଡ, ଅନୁଗୁଳ, ସୁବର୍ଣ୍ଣପୁର, ବୌଦ୍ଧ, ବରଗଡ, ବଲାଙ୍ଗୀର , ନୂଆପଡା ଓ ନରବଙ୍ଗପୁର ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିବ। ତେବେ ୮ ତାରିଖରୁ ୧୧ ତାରିଖ ମଧ୍ୟରେ ରାଜ୍ୟର କିଛି ସ୍ଥାନରେ ବଜ୍ରପାତ ,କାଳବୈଶାଖୀ ବର୍ଷା ସହ ଘୂର୍ଣ୍ଣିଝଡ ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଏହି ସୂଚନା ଦେଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବୁଧବାର ଓ ଗୁରୁବାର ଦୁଇ ଦିନ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ୮ ତାରିଖରୁ ୯ ତାରିଖ ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଗଞ୍ଜାମ, କନ୍ଧମାଳ ଓ ମାଲକାନଗିରି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୦ ତାରିଖ ଅପରାହ୍ନ ସୁଦ୍ଧା ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ଢ଼େଙ୍କାନାଳ, ଯାଜପୁର, କଟକ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ଅନୁଗୁଳ ଓ ଖୋର୍ଦ୍ଧା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ଏବଂ କୁଆପଥର ବର୍ଷା ହୋଇପାରେ। ଏହି ସମୟରେ ଘଂଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବୋହିପାରେ। ସେହିପରି ୧୧ ତାରିଖ ଅପରାହ୍ନ ସୁଦ୍ଧା ରାଜ୍ୟର ଗଜପତି, କନ୍ଧମାଳ , ମାଲକାନଗିରି, କୋରାପୁଟ ଓ ମୟୁରଭଂଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ଏବଂ କୁଆପଥର ବର୍ଷା ସହିତ ପବନର ବେଗ ୩୦-୪୦ କିଲୋମିଟର ରହି କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ବିଜେପିରେ ସାମିଲ ହେଲେ ବୀରପୁରୁଷତମ ପଂଚାୟତର ଶତାଧିକ ବିଜେଡି କର୍ମୀ

ପିପିଲି-ଡେଲାଙ୍ଗ/ଭୁବନେଶ୍ୱର, ୬।୪(ପି.ଏନ): ପିପିଲି ନିର୍ବାଚନମଣ୍ଡଳୀ ବୀରପୁରୁଷତମପୁର ଗ୍ରାମପଂଚାୟତର ଶତାଧିକ ବିଜେଡି କର୍ମୀ ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ଉପରେ ଆସ୍ଥା ପ୍ରକଟ ଓ ସମର୍ଥନ ଜଣାଇ ମଙ୍ଗଳବାର ବିଜେପିରେ ସାମିଲ ହୋଇଛନ୍ତି । ବୀରପୁରୁଷତମପୁର ପଂଚାୟତର ପୂର୍ବତନ ୱାର୍ଡ ମେମ୍ବର ଧନ ବେହେରା, ପାନ ବେହେରା, ଗୀତାଞ୍ଜଳି ନାୟକ, ମଂଚ ସଭାନେତ୍ରୀ ମଂଜୁଳା ସେଠୀ, ସୁଭଦ୍ରା ବେହେରା, ସୁକାନ୍ତି ମହାନ୍ତି, ବାସନ୍ତୀ ଜେନା, ମାନିନୀ ବେହେରା, କୁସୁମ ବେହେରା, ମଂଜୁ ସେଠୀ, ରାଧା ବେହେରା, ଅନୁପମା ମହାନ୍ତିଙ୍କ ସମେତ ନାରୀ ନେତ୍ରୀ ଓ ଶତାଧିକ ସ୍ୱଂୟ ସହାୟିକା ମହିଳା ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଛନ୍ତି । ଶ୍ରୀ ହରିଚନ୍ଦନ ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ଏବଂ ଟୋପି ପିନ୍ଧାଇ ବିଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜବୁତ୍ ହେବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ଅନ୍ୟପଟେ ଫୋନି ବାତ୍ୟା କ୍ଷତିପୂରଣ ଟଙ୍କା ମହିଳାଙ୍କୁ ନମିଳିବା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ବ୍ୟକ୍ତିଙ୍କୁ ଘର ନମିଳିବାରୁ କ୍ଷୋଭ ପ୍ରକାଶ କରି ବିଜେପିରେ ସାମିଲ ହୋଇଛନ୍ତି ବୋଲି ସଦ୍ୟ ଯୋଗ ଦେଇଥିବା ମହିଳାମାନେ କହିଛନ୍ତି । ପିପିଲିରେ ବିଜେଡିର ଦୁର୍ନୀତି ଏବଂ ବିଜେପିର ବିକାଶ ଧାରାରେ ସାମିଲ ହେବା ପାଇଁ ପିପିଲି-ଡେଲାଙ୍ଗ ବାସୀ ମନବଳାଇଛନ୍ତି । ଆଗାମୀ ପିପିଲି ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କୁ ଭୋଟ ଦେଇ ପିପିଲିର ବିକାଶରେ ନିଜକୁ ସାମିଲ କରିବା ପାଇଁ ଶ୍ରୀ ହରିଚନ୍ଦନ ପିପିଲିବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ମିଶ୍ରଣ ପର୍ବରେ ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ବିଜେପି ନେତା ନିରଜଂନ ମିଶ୍ର, ଆଲୋକ ସେଠୀ, ଯାଜ୍ଞସେନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

# କୁକୁର ପେଟରେ ଅଜବ ଖାଦ୍ୟ

ଆମେରିକାର ପେନ୍‌ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ



କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

# ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର



ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କେନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

# ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ବଢୁଛି ତାତି,କମୁଛି ଜଳସ୍ତର, ନଳକୂପ ଅଚଳ,ପ୍ରତିକାର ପାଇଁ ଦାବି

ଯୋଡା: ଦିନକୁ ଦିନ ଖରା ବଢିବା ସାଙ୍ଗକୁ ପାନୀୟ ଜଳ ସଂକଟ ବଢିବାରେ ଲାଗିଛି । ଓଡିଶାର ପ୍ରାଚୁର୍ଯ୍ୟ ଖଣି ସମ୍ପଦ ଭରା କେନ୍ଦୁଝର ଜିଲ୍ଲାର ଯୋଡା ପୌରାଞ୍ଚଳରେ ଚଳିତ ଗ୍ରୀଷ୍ମଋତୁରେ ପାନୀୟ ଜଳ ସଂକଟ ଗୁରୁତର ରୂପ ଧାରଣ କରିବାର ଆଶଙ୍କା ସୃଷ୍ଟି ହୋଇଛି । ଖରା ଦିନ ଆରମ୍ଭ ହେବା ନ ପୂର୍ବରୁ ବିଭିନ୍ନ ନଳକୂପ,କୂପ ଆଦି ଶୁଖି ଅଚଳ ହେବା ସହ ବର୍ଷା ଦିନରେ ସୃଷ୍ଟି ହୋଇଥିବା ଅସ୍ଥାୟୀ ଜଳଧାରା ଗୁଡିକ ଶୁଖିଯିବା ଦ୍ୱାରା ଜନସାଧାରଣ ମାନେ ପାନୀୟ ଜଳ ନ ପାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଦିନ କାଟୁଛନ୍ତି । ଯୋଡା ପୌରାଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଶୁଦ୍ଧ ପାନୀୟ ଜଳ ନ ପାଇ ଡହଳ ବିକଳ ହେଉଛନ୍ତି । ଏସବୁ ଅଞ୍ଚଳରେ ଥିବା କିଛି କମ୍ପାନୀ ଏବଂ ପୌରପାଳିକା ଅଧୀନରେ ଥିବା ପିଏଚ୍‌ଡି ଜଳଯୋଗାଣ ବ୍ୟବସ୍ଥା ନାମକୁ ମାତ୍ର କରି ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେବା ପରି ମନେ ହେଉଛି । ଗୋଟିଏ ଦୁଇଟି ଟ୍ୟାଙ୍କରରେ ପାଣି ଦେଇ ଦେଇ କମ୍ପାନୀ ମାନେ ନିଜର କାମ ସାରି ଦେଉଥିବା ନେଇ ସ୍ଥାନୀୟ ଅଧିବାସୀ ମାନେ ଅଭିଯୋଗ କରିଛନ୍ତି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୧୬ ତାରିଖରେ ପାନୀୟ ଜଳ



ସମସ୍ୟାର ଆଶୁ ସମାଧାନ ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ପୌରପାଳିକା ଅଧିକାରୀ ସମେତ ବିଭିନ୍ନ କର୍ପୋରେଟ୍ ହାଉସର ଅଧିକାରୀଙ୍କୁ ନେଇ ଯୋଡା ପୌର କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା । ବୈଠକ ଅନୁଯାୟୀ ଖନନ ହୋଇଥିବା ନଳକୂପ,ବୋରୱେଲ ଗୁଡିକୁ ମରାମତି କରାଯାଇ ପାନୀୟ ଜଳ ସଂକଟର ପ୍ରତିକାର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ନିମନ୍ତେ ସହମତି ପ୍ରକାଶ ପାଇଥିଲା । ହେଲେ ଯୋଡା ଜନସ୍ୱାସ୍ଥ୍ୟ ବିଭାଗ ପ୍ରତିକାର ପାଇଁ ଆଶୁ ପଦକ୍ଷେପ ନେବା ବଦଳରେ ହାତବାନ୍ଧି ବସି ରହିବା ଘଟଣା ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ଚିନ୍ତାରେ ପକାଇ ଦେଇଛି । ଯୋଡା ପୌରାଞ୍ଚଳର ୬ ନଂ ୱାର୍ଡର ରାମଜାନ ହାଟିଂରେ ପାନୀୟ ଜଳର ସମସ୍ୟା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ହେଁ ଜନସ୍ୱାସ୍ଥ୍ୟ ବିଭାଗ ନିଧଡକ ବସିଥିବା ଅଭିଯୋଗ ହୋଇଛି । ୬୦୦ ରୁ ଉର୍ଦ୍ଧ୍ୱ ଲୋକ ଏହି ୱାର୍ଡରେ ବସବାସ କରୁଥିବା ବେଳେ ପାନୀୟ ଜଳ ସମସ୍ୟା ଦୂର କରାନଯିବା ସରକାରୀ ଯୋଜନାର କାର୍ଯ୍ୟ ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ଏହିପରି ଯୋଡା ପୌରାଞ୍ଚଳ ଅଧୀନ ବିଭିନ୍ନ ୱାର୍ଡରେ ଗଭୀର ନଳକୂପ ଗୁଡିକୁ ମରାମତି କରାନଯିବା ଫଳରେ ଅଚଳ ଅବସ୍ଥାରେ ପଡିରହିଛି । ଲୋକମାନେ ପାଣି ମୁନ୍ଦାଏଁ ପାଇଁ ଛଟପଟ ହେଉଥିବା ବେଳେ ଭୂତଳ ଜଳସ୍ତର କମିଯିବା କାରଣରୁ ବହୁ ସ୍ଥାନରେ କୂଅ,ପୋଖରୀ ଶୁଖିଯିବାକୁ ବସିଲାଣି । ଫଳରେ ପାନୀୟ ଜଳ ସମସ୍ୟା ଦ୍ୱିଗୁଣିତ ହୋଇଛି । ଜନସ୍ୱାସ୍ଥ୍ୟ ବିଭାଗର ବିଭାଗୀୟ ଅଧିକାରୀଙ୍କ ଉଦାସୀନତା କାରଣରୁ ଏଭଳି ପରିସ୍ଥିତି ଉପୁଜୁଥିବା କୁହାଯାଉଛି । ବୈଠକ ବସିବାସର ୧୮ ଦିନରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ପାନୀୟ ଜଳ ସଂକଟ ଦୂର ନିମନ୍ତେ ପୂର୍ବରୁ ଖନନ ହୋଇଥିବା ନଳକୂପ ମରାମତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ସ୍ଥାନୀୟ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବ ବୋଲି ସାଧାରଣରେ ମତପ୍ରକାଶ ପାଉଛି । ସେହିପରି ସରକାରୀ ଯୋଜନାରେ ସାମିଲ କରି ପ୍ରତି ଘରକୁ ପାଇପ ଯୋଗେ ପାଇପ ଲାଇନ ସଂଯୋଗୀକରଣ କରାଯାଇଛି,ହେଲେ ବିଛାଯାଇଥିବା ମାଳମାଳ ପାଇପ ଲାଇନରେ ପାଣି ଆସୁନଥିବା ଯୋଗୁଁ ସ୍ଥାନୀୟ ଲୋକେ ପାନୀୟ ଜଳ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ପାରିପାର୍ଶ୍ୱିକ ଉନ୍ନୟନ ମୂଳକ ପାଣ୍ଠି କାର୍ଯ୍ୟକ୍ରମ ଦ୍ୱାରା କିଛି କମ୍ପାନୀ ନାମକୁ ମାତ୍ର ନଳକୂପ,କୂପ ଖୋଳି ଦେଇ ବଡ ବଡ ଫଳକ ମାନ ମାରି ଫଟୋ ଉଠାଇ ପ୍ରଚାର କରୁଥିବା ବେଳେ ନଳକୂପ ଖୋଳାଯିବାର ପ୍ରାୟ ମାସେ ଭିତରେ ସମ୍ପୃକ୍ତ ନଳକୂପ ଗୁଡିକ ଅଚଳ ହୋଇ ପଡୁଥିବା ଦେଖିବାକୁ ମିଳୁଛି । ତେଣୁ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅଚଳ ନଳକୂପକୁ ସଚଳ କରିବା ସହ ବିଛାଯାଇଥିବା ପାଇପ ଲାଇନରେ ପାନୀୟ ଜଳ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ବିଇଓଙ୍କୁ ଶିକ୍ଷକ ସଂଘର ସମ୍ବର୍ଦ୍ଧନା

ଆନନ୍ଦପୁର: ଘଷିପୁରା ବ୍ଲକରେ ନୂତନ ଶିକ୍ଷାଧିକାରୀ ଭାବେ ପବିତ୍ର ମୋହନ ବାରିକ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଘଷିପୁରା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ସଂଘ ସଭାପତି ଉମାକାନ୍ତ ଜେନାଙ୍କ ନେତୃତ୍ୱରେ ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ବିଇଓଙ୍କୁ ଭେଟି ଶିକ୍ଷକଙ୍କ ଅବସର, ମୃତ୍ୟୁକାଳୀନ ଗ୍ରାଚ୍ୟୁଟି ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ସଭାପତି ଦିଲ୍ଲୀପ କୁମାର ରାଉତ, ସୁରେଶ ଚନ୍ଦ୍ର ମହାନ୍ତି, ଜ୍ଞାନେନ୍ଦ୍ର କୁମାର ରାଉତ, ଆଦିକନ୍ଦ ସାହୁ, ନରେନ୍ଦ୍ର କୁମାର ସାହୁ, ନିରାକାର ସାହୁ, ଉପେନ୍ଦ୍ରନାଥ ସାହୁ, ସୁଜୟ କୁମାର ମାଥୀ, ଶାନ୍ତନୁ କୁମାର ରାଉତ, ମହେନ୍ଦ୍ର କୁମାର କର, ପ୍ରାଣନାଥ ଜେନା, ଶୁକଦେବ ନାୟକ, ଦୀପ୍ତୀରଂଜନ ଜେନା, ଦେବେନ୍ଦ୍ର କୁମାର ଦାଶ, ସୌଭାଗ୍ୟ କୁମାର ଜେନା, କଲ୍ୟାଣୀ ପୃଷ୍ଟୀ, ବୀଣାପାଣି ଦାସ, ପ୍ରଜ୍ଞା ରାଉତ, ଦେବସ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ସିଲ୍‌ଯୋଡା ଜଙ୍ଗଲରୁ ମାଙ୍ଗାନିଜ ବୋଝେଇ ଟ୍ରକ୍ ଜବତ

କେନ୍ଦୁଝର:ଚମ୍ପୁଆ ରେ ବାମେବାରୀ ସେକ୍ସନ ସିଲ୍‌ଯୋଡା ଗ୍ରାମ୍ୟ ଜଙ୍ଗଲରୁ ମାଙ୍ଗାନିଜ ବୋଝେଇ ଏକ ଟ୍ରକକୁ ଜବତ କରିଛି ବନବିଭାଗ । ବନବିଭାଗର ଏକ ସ୍କ୍ୱାର୍ଡ ରାତ୍ରୀ କାଳୀନ ପେଟ୍ରୋଲିଂ ସମୟରେ ଜଙ୍ଗଲ ଭିତରେ ଟ୍ରକଟିକୁ ଠାବ କରିଥିଲେ । ଅନ୍ଧାରର ସୁଯୋଗ ନେଇ ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଫେରାର ହୋଇଯାଇ ଥିଲେ । ରାତି ପ୍ରାୟ ୨ଟା ସମୟରେ ଚମ୍ପୁଆ ରେର ସଂଜୀବ କୁମାର ରାଉତ, ବାମେବାରୀ ଫରେଷ୍ଟର ଜତୀନ୍ଦ୍ର ସାହୁ, ଫରେଷ୍ଟ ଗାର୍ଡ ହୃଷିକେଶ ପାତ୍ର ଓ ବନ୍ୟ କର୍ମଚାରୀ ପେଟ୍ରୋଲିଂ ସମୟରେ ଓଆର ୦୯ଏ -୮୯୦୯ ନମ୍ବର ଥିବା ଟ୍ରକକୁ ଠାବ କରିଥିଲେ ।

# ବନ୍ୟା କ୍ଷତିଗ୍ରସ୍ତଙ୍କୁ ମିଳୁନି ସହାୟତା, ସରକାରଙ୍କ ଉଦାସୀନତାକୁ ନେଇ ପ୍ରଶ୍ନବାଚୀ

ଆନନ୍ଦପୁର:୨୦୨୦ରେ ହୋଇଥିବା ବନ୍ୟା ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିଲେ ପରିବାର । ସରକାରଙ୍କ ପକ୍ଷରୁ ସେତେବେଳେ ଘର ସମେତ ଅନ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା । ମାତ୍ର ଉକ୍ତ ପ୍ରତିଶୃତି ସରକାରୀ ଅଧିକାରୀମାନେ ପାଳନ କରୁନାହାଁନ୍ତି । କ୍ଷତିଗ୍ରସ୍ତ ପରିବାର ସହାୟତା ପାଇବାରୁ ବଂଚିତ ହୋଇଛନ୍ତି । ଏପରିକି ଘର ଖଣ୍ଡିଏ କରିବା ପାଇଁ ଅସମର୍ଥ ହୋଇଥିବା ଆନନ୍ଦପୁର ପୌରପରିଷଦ ଅଧୀନ ୧୩ନଂ ୱାର୍ଡ ସୁଡୁସୁଡିଆ ଦେହୁରୀ ସାହିର ବିପନ୍ନ ପରିବାର ଭଙ୍ଗା କୁଡିଆ ଭିତରେ ଜୀବନ କାଟୁଛନ୍ତି । ଘଷିପୁରା ତହସିଲ ପକ୍ଷରୁ ଆନନ୍ଦପୁର ପୌରପରିଷଦକୁ ଚିଠି ନଂ ୪୨୯୯/୧୬.୧୦.୨୦୨୦ରେ ବନ୍ୟାରେ ପ୍ରଭାବିତ ହୋଇଥିବା ୧୩ନଂ ୱାର୍ଡ ସୁଡୁସୁଡିଆ ଦେହୁରୀ ସାହିର ଲୋକଙ୍କୁ ସରକାରୀ ଯୋଜନାରେ ଗୃହ ଯୋଗାଇ ଦେବାକୁ କୁହା ଯାଇଥିଲା । ମାତ୍ର ଏହି ଆଦେଶ ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରି ନାହିଁ । ବନ୍ୟାରେ ପ୍ରଭାବିତ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉଭୟ ଘଷିପୁରା ତହସିଲ ଓ ଆନନ୍ଦପୁର ପୌରପରିଷଦ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି । ସୂଚନାଯୋଗ୍ୟ ଯେ ୨୦୨୦ ଜୁଲାଇ-ଅଗଷ୍ଟରେ ହୋଇଥିବା ବନ୍ୟା ପ୍ରଭାବରେ ସଂମ୍ପୃକ୍ତ ଅଂଚଳର ଲୋକମାନେ ବହୁଳ ଭାବେ ପ୍ରଭାବିତ ହୋଇଥିଲେ । ଘରଦ୍ୱାର ଭାଙ୍ଗିବା ସହିତ ବହୁ ଜିନିଷପତ୍ର ନଷ୍ଟ ହୋଇଥିଲା । ଏହି ଘଟଣାକୁ ନେଇ ଘଷିପୁରା ତହସିଲ ପକ୍ଷରୁ ତଦନ୍ତ ପରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କ୍ଷତିଗ୍ରସ୍ତଙ୍କ ପାଇଁ ୧୪ଲକ୍ଷ ୨୬ହଜାର ୫ଶହ ଟଙ୍କା ଅନୁଦାନ ଘଷିପୁରା ତହସିଲକୁ ମୁର ହୋଇଥିଲା । ହେଲେ ପୌର ପରିଷଦ ନିକଟରେ ଏ ସମ୍ପର୍କରେ କୌଣସି ତଥ୍ୟ ନଥିବା ଜଣାପଡିଛି । ଘଷିପୁରା ତହସିଲ ଏବଂ ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିତ ଭାବେ କ୍ଷୟକ୍ଷତି ଆକଳନ କରିବାକୁ ଥିବାବେଳେ ଏହି ତଦନ୍ତ ପ୍ରକ୍ରିୟାରେ କେବଳ ତହସିଲ ଅଧିକାରୀ ସାମିଲ ରହିବା ସମସ୍ୟାର ମୁଖ୍ୟ କାରଣ ବୋଲି ଅଭିଯୋଗ ହେଉଛି । ଅନ୍ୟପଟେ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାପାଇଁ ଆନନ୍ଦପୁର ଧନେଇ କମିଟି ଅଣ୍ଟା ଭିଡି ବାହାରିଛି । କମିଟି ସଭାପତି ବିଜୟ ମିଶ୍ର ପୌର କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ପୂର୍ବ ରିପୋର୍ଟ ଓ ଜିଲ୍ଲାପାଳଙ୍କ ଅନୁଦାନ ସମ୍ପର୍କରେ ଚିଠି ପ୍ରଦାନ କରିବା ସହିତ ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି । ୧୯୯୯ ମହାବାତ୍ୟା ଠାରୁ ଆରମ୍ଭ କରି ୨୦୧୧ ଏବଂ ୨୦୧୩ ବନ୍ୟା ସମୟରେ ମଧ୍ୟ ସବୁ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ । ୨୦୨୦ ବନ୍ୟା ପ୍ରଭାବରେ ସେମାନଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି । ଏଭଳି ପରିସ୍ଥିତିରେ କ୍ଷତିଗ୍ରସ୍ତଙ୍କୁ କିପରି ସହାୟତା ଦିଆଯାଇ ପାରିବ ଧନେଇ କମିଟିର ସଭାପତି ଶ୍ରୀ ମିଶ୍ର ଉଦ୍ୟମ ଚଳାଇଛନ୍ତି ।

# ଚେକିଂ ଜୋରଦାର, ୧୩ହଜାର ଜରିମାନା

ଝୁମ୍ପୁରା: ଦୀର୍ଘ ଦିନର ବ୍ୟବଧାନ ପରେ ଝୁମ୍ପୁରା ବଜାରରେ ପ୍ରଶାସନ ପକ୍ଷରୁ କୋଭିଡ୍ ନିୟମ କୁ କଡାକଡି କରାଯାଇଛି । ଫଳରେ ମଙ୍ଗଳବାର ଦିନ ଝୁମ୍ପୁରା ବଜାରରେ ଚେକିଂ ଜୋରଦାର କରାଯାଇଛି । ଝୁମ୍ପୁରା ତହସିଲଦାର ସୁଶ୍ରୀ ପ୍ରତିଭା ପୃଷ୍ଟି ଙ୍କ ନେତୃତ୍ୱରେ ସ୍ଥାନୀୟ ବିଡିଓ ବିଜୟ କୁମାର ନାୟକ, ଝୁମ୍ପୁରା ଥାନା ଏସ୍‌ଆଇ ବଳଭଦ୍ର ନାଏକ,ଏଏସ୍‌ଆଇ ସୁଧାଂଶୁଶେଖର ଜେନା,ତହସିଲ ସୁପରଭାଇଜର ଭୁବନାନନ୍ଦ ନାଏକ,ରାଜସ୍ୱ ନିରିକ୍ଷକ ସମ୍ପଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଜରିମାନା ଆଦାୟ କରିଥିଲେ । ବିନା ମାସ୍କରେ ଘରୁ ବାହାରୁ ବାହାରିବା ,ସାମାଜିକ ଦୂରତା ପାଳନ କରୁ ନଥିବା ଜନସାଧାରଣ ତଥା ଦୋକାନିମାନଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି । ଝୁମ୍ପୁରା ବଜାରର ବିଭିନ୍ନ ଦୋକାନ ଉପରେ ଚଢାଉ କରିବା ସହିତ ବଜାର ରାସ୍ତାଦେଇ ଯିବା ଆସିବା କରୁଥିବା ପଥଚାରି,ବାଇକ ଆରୋହୀ ତଥା ଯାନବାହାନ ଗୁଡିକୁ ଚେକିଂ କରି ମାସ୍କ ପରିଧାନ କରି ନଥିବା ତଥା ସମାଜି ଦୂରତା ନିୟମକୁ ଉଲ୍ଲଘଂନ କରୁଥିବା ଗ୍ରାହକମାନଙ୍କ ଠାରୁ ୫ଶହ ଟଙ୍କା ଲେଖାଏଁ ଏଭଳି ମୋଟ ୧୩ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ ସୂର୍ଯ୍ୟନାରାୟଣ ଦାଶ ସୂଚନା ଦେଇଛନ୍ତି । ଏହା ବ୍ୟତିତ ଛୋଟ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଘରୁ ବାହାରକୁ ବାହାରିଲେ ମାସ୍କ ପରିଧାନ କରିବା, ସାମାଜିକ ଦୂରତ ରକ୍ଷା କରିବା,ସାବୁନ ଦ୍ୱାରା ହାତକୁ ଭଲ ଭାବେ ଧୋଇବା ନିମନ୍ତେ ପ୍ରଶାସନ ପକ୍ଷରୁ ସଚେତନତା କରାଯାଇଥିଲା ।

# ସରପଞ୍ଚ ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ

ଆନନ୍ଦପୁର:ଘଷିପୁରା ବ୍ଲକ ବାତୋ ପଂଚାୟତର ସରପଂଚ ଉପନିର୍ବାଚନ ଆସନ୍ତା ୨୮ତାରିଖରେ ଅନୁଷ୍ଠିତ ହେବ । ଏଥିପାଇଁ ଘଷିପୁରା ବ୍ଲକ କାର୍ଯ୍ୟାଳୟରେ ଆଜି ୪ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି । ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କ ସହ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ । କଂଗ୍ରେସ ସମର୍ଥିତ କୁହାଯାଉଥିବା ସରପଂଚ ପ୍ରାର୍ଥୀ ଦିଲ୍ଲୀପ କୁମାର ରାଉତ ଦୁଇସେଟ୍ ନାମାଙ୍କନ ଦାଖଲ କରିଥିଲେ । ବରିଷ୍ଠ କଂଗ୍ରେସ ନେତା ତ୍ରିଲୋଚନ ପରିଡାଙ୍କ ନେତୃତ୍ୱରେ ଦିଲ୍ଲୀପ ନିଜ ଶତାଧିକ ସମର୍ଥକଙ୍କ ସହ ନାମାଙ୍କନ ଦାଖଲ କରିବାକୁ ଆସିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କଂଗ୍ରେସ ନେତା ବଲ୍ଲଭ ସାହୁ, ଦିପ୍ତୀରଂଜନ ସାହୁ, ଅଭିମନ୍ୟୁ ବାରିକ, ନକୁଳ ସାହୁ, କୃଷ୍ଣ ବାରିକ, ବିଷ୍ଣୁମୋହନ ପାଗଳ, ଅଲେଖ ରାଉତ, କୁଶରନ ପରିଡା, ରମେଶ ନାଥ ପ୍ରମୁଖ ଉପସ୍ଥିତ ଥିଲେ । ମଦନମୋହନ ରାଉତ ନିଜ ସମର୍ଥକଙ୍କ ଗହଣରେ ଆସି ଘଷିପୁରା ବିଡିଓଙ୍କ ନିକଟରେ ନାମାଙ୍କନ ଦାଖଲ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ବ୍ଲକ ବିଜେଡି ସଭାପତି ମନ୍ମଥ ରାଉତ, ଦଳୀୟ ନେତା ବାବନ ସାହୁ, ସୁରେନ୍ଦ୍ର ପାଗଳ, ଚିନ୍ତାମଣି ନାୟକ, ରାଜେଶ ଜେନା, ଶଶିକାନ୍ତ ବେହେରା, ଆନନ୍ଦ ଖଟୁଆ, ଗୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଶୁକଦେବ ଦାସ ଓ ଅଟଳ ବିହାରୀ ମହାନ୍ତ ମଧ୍ୟ ନାମାଙ୍କନ ଦାଖଲ କରିଛନ୍ତି । ସୂଚନାଯୋଗ୍ୟ ଯେ ନଭେମ୍ବର ୧୬ତାରିଖରେ ସରପଂଚ ବାବୁଚରଣ ନାୟକଙ୍କ ଦେହାନ୍ତ ପରେ ଏଠାରେ ଉପନିର୍ବାଚନ ଅନୁଷ୍ଠିତ ହେଉଛି ।

# ଚମ୍ପୁଆ ତହସିଲ ଅଂଚଳରେ ବହୁ ବାଲି ଚୋରି, ଚୋରୀରେ ସହଯୋଗ କରୁଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

କେନ୍ଦୁଝର:ଚମ୍ପୁଆ ତହସିଲର ବିଭିନ୍ନ ବାଲିଘାଟରେ ଅଧିକ ଉତ୍ତୋଳନ ସହ ବିନା ଟିପିରେ ଶହ ଶହ ଟ୍ରିପ୍ ବାଲି ଚାଲାଣ ହେଉଛି । ଏଥିପାଇଁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ହେଉଛି । ଦିନରାତି ବାଲି ଘାଟରେ ବେଧଡକ ବାଲି ଉତ୍ତୋଳନ ହେଉଛି । ସନ୍ଧ୍ୟା ପରେ ନଦୀ ଶଯ୍ୟାରୁ ବାଲି ଉତ୍ତୋଳନ ମନା ଥିଲେ ମଧ୍ୟ ହାଇମାକ୍ସ ଲାଇଟ୍ ଲଗାଇ ପ୍ରୋକଲେନ୍ ଗାଡି ଲଗାଇ ବାଲି ଉତ୍ତୋଳନ ହେଉଛି । ବାଲି ଉତ୍ତୋଳନ ପାଇଁ ଲିଜ୍‌ଧାରୀ ବାଲି ଷ୍ଟକ୍ ରଖିବା ପରେ ଏହାକୁ ରାଜସ୍ୱ ବିଭାଗର ଅଧିକାରୀ ଏବଂ କର୍ମଚାରୀ ମାପଚୁପ କରିବା ପରେ ପରିବହନ ପାଇଁ ଅନୁମତି ମିଳିବା କଥା । ମାତ୍ର କେଶରୀକୁଣ୍ଡ ଠାରେ ବାଲିଘାଟରେ ଏସବୁ ନୀତିନିୟମ ଉଲ୍ଲଙ୍ଘନ ହୋଇ ବାଲି ଉତ୍ତୋଳନ ଏବଂ ପରିବହନ ହେଉଛି । ଏହି କାର୍ଯ୍ୟକୁ ସେକ୍ସନର ଜଣେ କର୍ମଚାରୀ ସହଯୋଗ କରୁଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଉକ୍ତ କର୍ମଚାରୀ ସେଠାରେ ୪ ବର୍ଷରୁ ଅଧିକ ସମୟ ରହିଥିବା ବେଳେ ତାଙ୍କର ଘର ଚମ୍ପୁଆ ଠାରୁ ମାତ୍ର ୮ କି.ମି. ଦୂର । ବିଭିନ୍ନ ସମୟରେ ବେଆଇନ୍ ବାଲି, ପଥର ଗାଡି ଚଢାଉ ପୂର୍ବରୁ ସେ ମାଫିଆ ମାନଙ୍କୁ ସୂଚନା ଦେଉଥିବା ଅଭିଯୋଗ ହୋଇଛି । ତାଙ୍କୁ ଅନ୍ୟତ୍ର ବଦଳୀ ପୂର୍ବକ ବାଲିଘାଟ ଉପରେ ନିୟମିତ ଚଢଉ କରି ରାଜସ୍ୱ ଫାଙ୍କୁଥିବା ଲିଜ୍‌ଧାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

# ନୟାପଲ୍ଲୀ ୱାର୍ଡ ନଂ ୩୯ରେ କରୋନା ଯୋଦ୍ଧା ସମ୍ମାନ ପ୍ରଦାନ

ଭୁବନେଶ୍ୱର,(ପିଏନ)-ଅକ୍ଟୋବର ୨ ତାରିଖ ଜାତିର ପିତା ମହାତ୍ମାଗାନ୍ଧୀ ଓ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉପଲକ୍ଷେ ଅକ୍ଟୋବର ମାସ ୨ ତାରିଖରୁ ନଭେମ୍ବର ମାସ ୨ ତାରିଖ ପର୍ଯ୍ୟନ୍ତ ପ୍ରାୟ ୧ମାସ ଧରି ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଓଡିଶାର ପ୍ରତ୍ୟେକ ପଞ୍ଚାୟତ ଓ ପ୍ରତ୍ୟେକ ୱାର୍ଡରେ ବିଭିନ୍ନ ପ୍ରକାର କାର୍ଯ୍ୟକରିବା ପାଇଁ ନିର୍ଦ୍ଦେଷ ଦେଲା ପରେ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରେରଣାରେ ନୟାପଲ୍ଲୀ ୱାର୍ଡ ନଂ ୩୯ ଅଧିନରେ ଥିବା ଶାସ୍ତ୍ରୀନଗର କମ୍ୟୁନିଟି ହଲ୍‌ରେ ସମାଜସେବୀ ତଥା ଶ୍ରୀ ମହାବୀର ସାମାଜିକ ସଂଗଠନର ସାଧାରଣ ସଂପାଦକ ଓ ବିଜୁ ଜନତା ଦଳ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ସଂପାଦକ ମିଳନ କୁମାର ପାଇକରାୟଙ୍କ ନେତୃତ୍ୱରେ ଗତ ରବିବାର ଦିନ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ବ୍ୟକ୍ତି ବିଶେଷଙ୍କୁ କରୋନା ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଇଥିଲା ଓ ଆସନ୍ତା ସପ୍ତାହରେ ଆଉ କିଛି ଇଲୋକ୍ଟ୍ରୋନିକ ଗଣମାଧ୍ୟମ ଓ ଖବରକାଗଜର ସାମ୍ବାଦିକ ମାନଙ୍କୁ କରୋନା ଯୋଦ୍ଧା ସମ୍ମାନ ପ୍ରଦାନ କରାଯିବ ବୋଲି ଶ୍ରୀ ପାଇକରାୟ



ସୂଚନା ଦେଇଛନ୍ତି । ପୁନଃର୍ବାର ଆଜି ଦିନ ୧୧ଘଟିକା ସମୟରେ ୱାର୍ଡ ନଂ ୩୯ ଅଧିନରେ ଥିବା ଶାସ୍ତ୍ରୀନଗର କମ୍ୟୁନିଟି ହଲ୍‌ରେ ବି.ଏମ୍.ସି. କର୍ମଚାରୀ ମାନଙ୍କୁ କରୋନା ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଇଅଛି । ଯଥା ୱାର୍ଡ ନଂ ୩୯, ୩୮ ଓ ୩୭ ର ୱାର୍ଡ ଅଫିସର କୃଷ୍ଣଚନ୍ଦ୍ର ସେଠୀ, ରବିନ୍ଦ୍ର ନାଥ ସାହୁ, ନୀଳମାଧବ ବିଶ୍ୱାଳ, କମ୍ୟୁନିଟି ଅର୍ଗାନାଇଜର ନୀବେଦିତା ଦାସ, ସାନିଟାରୀ ଇନ୍‌ସ୍ପେକ୍ଟର ସୁନିଲ କୁମାର ସାହୁ, ରାମକୀ ର ପ୍ରୋଜେକ୍ଟ ହେଡ୍ ସାନ୍ତୁନ କୁମାର ସିଂଙ୍କ ସମେତେ ନୟାପଲ୍ଲୀ ଅଧିନରେ ଥିବା ୩ଟି ୱାର୍ଡର ଆଣ୍ଟିଲର୍ବା ପରିଚାଳକ, ଅଙ୍ଗନୱାଡି କର୍ମୀ ଓ ସହକର୍ମୀ, ସ୍ୱାସ୍ଥ୍ୟ କର୍ମୀ, ଆଶାଦୀଦୀ, ରାମ୍‌କି ୱାର୍ଡ ପରଚାଳକ, ସହପରିଚାଳକ, ସଫେଇ କର୍ମଚାରୀ, ଜଳଯୋଗାଣ ଦାୟୀତ୍ୱରେ ଥିବା କର୍ମଚାରୀ ଓ କମ୍ୟୁନିଟି ହଲ୍‌ର ସିକ୍ୟୁରିଟି ଗାର୍ଡଙ୍କୁ ଉଃରିୟ, ପୁଲତୋଡା, ମାନପତ୍ର, ଟ୍ରଫି, ମାସ୍କ ଓ ସାନିଟାଇଜ୍‌ର ପ୍ରଦାନ କରି କରୋନା ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ମହାମାରି କରୋନା ସମୟରେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କୁ ସେବା ଯୋଗାଇ ଦେଇଥିବାରୁ ଏମାନଙ୍କୁ ଆହୁରି ଉତ୍ସାହିତ କରିବା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା ବୋଲି ଶ୍ରୀ ପାଇକରାୟ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅତାଥି ଭାବେ ପୂର୍ବଞ୍ଚନ କର୍ପୋରେଟର ନୀଖିଳ ବଳବନ୍ତରାୟ, ସମାଜସେବୀ ବଦ୍ରୀନାରାୟଣ ମିଶ୍ର, ମହାବୀର ସାମାଜିକ ସଂଘଠନର ସଭାପତି ରାଧାବଲ୍ଲଭ ବରାଳ, ସମାଜସେବୀ ମଧୁସୁଦନ ରାଓ ଦୋରା, ଶାସ୍ତ୍ରୀନଗର ମହିଳା ମହାସଂଘର କୋଷାଧ୍ୟକ୍ଷ ପ୍ରତୀମା ମିଶ୍ର, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସଂପାଦିକା ମଧୁସ୍ମିତା ନାୟକ ଓ ବିଜୁ ଛାତ୍ର ଜନତା ଦଳର ସାଧାରଣ ସଂପାଦିକା ଦେବଶ୍ମିତା ଦାସ ପ୍ରମୁଖ ଯୋଗଦେଇଥିଲେ । ଅନୁଜ ଚନ୍ଦନ ନାୟକ, ଚିଞ୍ଚରଞ୍ଜନ ନାୟକ, ଶାଶ୍ୱତ ଲେଙ୍କା, ରାକେଶ କୁମାର ଜାଲ୍ଲୀ, ସୁମନ କୁମାର ଜେନା, ବିଶ୍ୱନାଥ ଦେହୁରୀ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ନବବଧୁର ଆତ୍ମହତ୍ୟା ସନ୍ଦେହ ଘେରରେ



କେନ୍ଦ୍ରାପଡା : କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଗୁଲୁନଗର ଗ୍ରାମର ଜନୈକ ନବବଧୁର ଆତ୍ମହତ୍ୟା ସନ୍ଦେହ ଘେରରେ ଥିବା ଅଭିଯୋଗ ହୋଇଛି । ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ପ୍ରେତପାଳ ଗ୍ରାମର ତଥା ଗରାପୁର (ଫୁଲବାଗ) ଗ୍ରାମରେ ଘରକରି ରହୁଥିବା ଉମାକାନ୍ତ ବିଶ୍ୱାଳଙ୍କ ଝିଅ ଶତାବ୍ଦି ବିଶ୍ୱାଳ(୨୫) ଗୁଲନଗର ଗ୍ରାମର ବନମାଳି ସାହୁଙ୍କ ପୁଅ ସୁଶାନ୍ତ କୁମାର ସାହୁଙ୍କୁ ପ୍ରାୟ ୮ବର୍ଷ ତଳେ ଭଲପାଇ ବିବାହ କରିଥିଲେ । ଶତାବ୍ଦିଙ୍କ ୬ବର୍ଷର ପୁଅଟିଏ ଅଛି । ଗତ ସୋମବାର ରାତିରେ ଶାଶୁଘରେ ଶୋଇଥିବା ବେଳେ ମଙ୍ଗଳବାର ସକାଳୁ ଶାଶୁଘର ଲୋକ ଶତାବ୍ଦିକୁ ଘର ସେଣୀରେ ରଶିରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ । କିନ୍ତୁ ସେତେବେଳକୁ ଶତାବ୍ଦିର ମୃତ୍ୟୁ ହୋଇଯାଇଥିଲା । ଏସମ୍ପର୍କରେ ଗୁଲନଗର ସରପଞ୍ଚ ପୀତବାସ ବେହେରା ସଦର ଥାନା ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣା ସ୍ଥଳରେ ପହଁଚିଥିଲା । ଶତାବ୍ଦିଙ୍କ ଶବକୁ ଯବତ କରି ବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପୋଲିସ ପଠାଇଥିଲା । ଶତାବ୍ଦିର ବାପଘର ପକ୍ଷରୁ ଝିଅକୁ ମାରିଦେଇଥିବା ସଦର ଥାନାରେ ଅ ଭିଯୋଗ ହୋଇଛି । ଅନ୍ୟପକ୍ଷରେ ଶାଶୁଘର ପକ୍ଷରୁ ଶତାବ୍ଦି ଆତ୍ମହତ୍ୟା କରିଥିବା ସମ୍ପର୍କରେ ଅଭିଯୋଗ କରାଯାଇଛି । କିନ୍ତୁ ନବବଧୂ ଶତାବ୍ଦିର ମୃତ୍ୟୁ ସନ୍ଦେହ ଘେରରେ ରହିଥିବା ସୂଚନା ମିଳିଛି ।

# ଖବରକାଗଜ ବିତରକଙ୍କ ମାସ୍କ ବଣ୍ଟନ

ଘଟଗାଁ: ଘଟଗାଁ ଅଂଚଳରେ ଦୈନିକ ଓଡିଆ ଖବରକାଗଜ 'ସର୍ବସାଧାରଣ'ର ବିତରକ ଶାନ୍ତନୁ ପଲେଇଙ୍କ ସମେତ ତାଙ୍କ ସହଯୋଗୀମାନେ ଆଜି ଖୁଣ୍ଟା ଗ୍ରାମରେ ମାସ୍କ ବଣ୍ଟନ କାର୍ଯ୍ୟକ୍ରମ କରିଛନ୍ତି । ଏବେ ଦିନକୁ ଦିନ କରୋନାର ଦ୍ୱିତୀୟ ଲହର ପାଇଁ ସରକାର ବିଭିନ୍ନ ଗାଇଡ୍ ଲାଇନ୍ ଜାରି କରିଥିବା ବେଳେ ଲୋକଙ୍କୁ ସଚେତନ କରିବାକୁ ଏହି ଏକ ଛୋଟ ପ୍ରୟାସ କରୁଥିବା କଥା କହିଛନ୍ତି ଶାନ୍ତନୁ । ଆଜି ମଙ୍ଗଳବାର ହାଟବାରି ଥିବାରୁ ଖୁଣ୍ଟା ଗ୍ରାମ ରାସ୍ତାରେ ଅନେକ ବୃଦ୍ଧ ବ୍ୟକ୍ତି ଯାଉଥିବାରୁ ପାଖାପାଖି ପ୍ରାୟ ୩୦୦ ମାସ୍କ ବଣ୍ଟନ କରିବା ସହିତ ଆଗକୁ ଏଭଳି ଜନକଲ୍ୟାଣ କାର୍ଯ୍ୟ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି ଶାନ୍ତନୁ ।

# ଅକ୍ଷୟ ଶକ୍ତି ଉତ୍ସ ଯୋଗୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବା ସମ୍ଭାବନା

ଭୁବନେଶ୍ୱର,(ପିଏନ): ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ଭାରତ ବେଶ୍ ଅଗ୍ରଗତି କରିବାରେ ଲାଗିଛି । ୨୦୧୦ ଜୁନ୍‌ରେ ଦେଶର ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ୧୭.୫ ଗିଗାୱାଟ୍ ଥିବାବେଳେ ୧୦ ବର୍ଷ ପରେ ଏବେ ଏହା ୬୫ ଗିଗାୱାଟ୍‌ରେ ପହଂଚିଛି । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇବାରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଦେଶରେ କୋଇଲା ଏବଂ ତରଳ ହାଇଡ୍ରୋକାର୍ବନ ଉପରେ ନିର୍ଭରଶୀଳତା କମାଇବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି । ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା(ଆଇଇଏ) ଅନୁସାରେ ସମ୍ପ୍ରତି ବିଶ୍ୱସ୍ତରରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ମୋଟ ଶକ୍ତି ଉତ୍ସର ୨୬ ପ୍ରତିଶତ ରହିଛି । ୨୦୨୪ ସୁଦ୍ଧା ଏହା ୩୦ ପ୍ରତିଶତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇଲେ ଏହାର ସିଧାସଳଖ ସକାରାତ୍ମକ ପ୍ରଭାବ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପଡ଼ିବ । ଦୀର୍ଘ ୧୦ ବର୍ଷ ଧରି ଉପଭୋକ୍ତାଙ୍କ ବଢୁଥିବା ବିଦ୍ୟୁତ୍ ବୋଝ ହ୍ରାସ ପାଇବାର ଆଶା ରହିଛି । ଏବେ ନୂଆ, ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଉତ୍ସ ପ୍ରତି ଧୀରେଧୀରେ ପ୍ରତିଟି କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହୋଇଛି । ୨୦୧୮-୧୯ରେ ଅକ୍ଷୟ ଶକ୍ତି ଉତ୍ସ ଭାରତରେ ଗ୍ରୀଡ୍ ଅନୁରୂପତା ମାନ୍ୟତା ହାସଲ କରିବାକୁ ସକ୍ଷମ ହୋଇଥିଲା । ଫଳରେ ଗତ ୧୦ ବର୍ଷ ଧରି ଅକ୍ଷୟ ଶକ୍ତି ଉତ୍ସର ଦାମ କମିବାରେ ଲାଗିଛି । ସମ୍ପ୍ରତି ବିକଳ୍ପ ଶକ୍ତି କ୍ଷେତ୍ରରେ ଡିସକମ୍, କ୍ୟାପ୍ ?ଯିଭ୍ ପାୱାର ପ୍ଲାଂଟ୍‌ର ଆବଶ୍ୟକତା ରହିଛି । ଏହା ଦ୍ୱାରା ସବୁଜ ବିଦ୍ୟୁତ୍ ଶକ୍ତି ଉତ୍ସର ଅକ୍ଷୟ ଶକ୍ତି ସାର୍ଟିଫିକେଟ(ଆର୍‌ଇସି) କିଣାଯାଇ ପାରୁଛି । ଯାହାଦ୍ୱାରା ରେନେୱବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ସମ୍ପନ୍ନ ହୋଇପାରୁଛି । ଆର୍‌ଇସି ଏକ ମାର୍କେଟ୍ ବେସଡ୍ ଇନଷ୍ଟ୍ରୁମେଂଟ୍ ଯାହାକି ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଛି । ଯାହାଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ । ଫଳରେ କ୍ୟାପ୍ଟିଭ୍ ପାୱାର ପ୍ଲାଂଟ୍ ଏବଂ ଡିସକମ୍ ଆଦି ରେନେୱବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଅନ୍ତର୍ଗତ ଅକ୍ଷୟ ଶକ୍ତି ଉତ୍ସ ନ ଥିବା ଅବା ୨୭୦ ଦିନର ସୂର୍ଯ୍ୟାଲୋକ ପଡୁଥିବା ଅଂଚଳ କିମ୍ବା ଉପକୂଳ ଅଂଚଳରେ ମେଘୁଆ ପାଗ ସତ୍ତ୍ୱେ ବିଦ୍ୟୁତ୍ ଉପଲବ୍ଧ ସମ୍ଭବ ହୋଇପାରିବ । ରିନେୱବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ । ସୋଲାର ଆର୍‌ଇସି ଦାମ ୟୁନିଟ୍ ପିଛା ୨.୨୫ ଟଙ୍କା ଥିବାବେଳେ ସୋଲା ପାୱାର ଯାହାକି ପାୱାର ସହିତ ଆର୍‌ଇସି ସାର୍ଟିଫିକେଟ ଯୁକ୍ତ, ତାହାର ଦାମ ୨୦୧୭-୧୮ ଆର୍ଥିକ ବର୍ଷରେ ହାରାହାରି କିଲୋୱାଟ୍‌ଘଂଟା ପ୍ରତି ୨.୫୦ଟଙ୍କାରେ ନିଲାମ କରାଯାଇଛି । ଏସମ୍ପର୍କରେ ରେଗୁଲେଟାରୀ ଏକ୍ସପର୍ଟ ଏବଂ କନସଲଟାଂଟ୍ ମନିଶ୍ ଗର୍ଗ କୁହନ୍ତି, ଭାରତରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ବଢ଼ିଲେ ଏହାର ପରୋକ୍ଷ ପ୍ରଭାବ ଉପଭୋକ୍ତାଙ୍କ ଉପରେ ହିଁ ପଡ଼ିବ । ସେମାନେ ବିଦ୍ୟୁତ୍ ପାଇଁ ପୈଠ କରୁଥିବା ଅଧିକ ଦାମ କମିଯିବାର ଆଶା ରହିବ । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ମୂଲ୍ୟ କମିଲେ ଉପଭୋକ୍ତାମାନେ ବେଶ୍‌ଉପକୃତ ହୋଇ ପାରିବେ । ଏହାଦ୍ୱାରା ନିବେଶକ ଏବଂ ଉପଭୋକ୍ତା ଲାଭାନ୍ୱିତ ହୋଇପାରିବେ । ଉପଭୋକ୍ତାଙ୍କ ଅନାବଶ୍ୟକ ଖର୍ଚ୍ଚ କମିଯିବାର ସମ୍ଭାବନା ରହିବ । ଆର୍‌ଇସିର ସଂଶୋଧନ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଳମ୍ବ ହେଲେ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ବଢ଼ିଯିବ ।




# ସଂଜିବନୀ ଘରୋଇ ଶିକ୍ଷାଭବନ ପ୍ରତିଷ୍ଠାକୁ ବିରୋଧକରି ସାନଜରିଆ ପଂଚାୟତର ପ୍ରତିବାଦସଭା




କେନ୍ଦ୍ରାପଡା (ପିଏନ୍): ବୋଧଗାଁର ଫକିର ଚରଣ ମିଶ୍ରଙ୍କ ଦ୍ୱାରା ପ୍ରସ୍ତାବିତ ସଂଜିବନୀ ଶିକ୍ଷାଭବନ ନାମରେ ଏକ ଘରୋଇ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାକୁ ବିରୋଧକରି ସାନଜରିଆ ଗ୍ରାମପଞ୍ଚାୟତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ସାନଜରିଆ ଓ ଗଙ୍ଗାରାମପୁର ପଞ୍ଚାୟତର ବୋଧଗାଁ କେନ୍ଦ୍ର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ, ବୋଧଗାଁର ଶ୍ରୀ ଶ୍ରୀ ପାଗଳା ବାବା ବାଳିକା ଉଚ୍ଚ ବିଦ୍ୟାଳୟ, କୁଷୁନପୁର ପ୍ରାଥମିକ ସ୍କୁଲ, ମଙ୍ଗରାଜପୁର ଉଚ୍ଚ ପ୍ରାଥମିକ ସ୍କୁଲ, ରତନପଡା ପ୍ରାଥମିକ ସ୍କୁଲ, ଭେଡିସାହି ପ୍ରାଥମିକ ସ୍କୁଲ,ମାନପାଟଣା ପ୍ରକଳ୍ପ ପ୍ରାଥମିକ ସ୍କୁଲ, ନିଗିନିପୁର ନୃସିଂହଜୀଉ ଉଚ୍ଚ ପ୍ରାଥମିକ ସ୍କୁଲ ଓ ନିଗିନିପୁର ଉଚ୍ଚ ବିଦ୍ୟାଳୟ ପ୍ରଭୃତି ସରକାରୀ ସ୍କୁଲର ସ୍ଥାୟୀତ୍ୱ ପ୍ରତି ବିପଦ ସୃଷ୍ଟିକାରୀ ତଥା ଶିକ୍ଷା ବ୍ୟବସାୟୀକରଣ ପାଇଁ ଉଦ୍ଦିଷ୍ଟ ପ୍ରସ୍ତାବିତ ଘରୋଇ ଶିକ୍ଷାନୁଷ୍ଠାନଟି ସ୍ଥାନୀୟ ଗ୍ରାମାଞ୍ଚଳରେ ସର୍ବଶିକ୍ଷା ଅଭିଯାନକୁ ବିପର୍ଯ୍ୟସ୍ତ କରିବ ଏବଂ ଅର୍ଦ୍ଧଶିକ୍ଷା ଓ ନିରକ୍ଷରତା ହ୍ରାସ ବୃଦ୍ଧି ପାଇବ ବୋଲି ଅଭିଯୋଗ ହୋଇଛି । ସର୍ବଶିକ୍ଷା ଅଭିଯାନର ସଫଳତା ପାଇଁ ସରକାରୀ ବିଦ୍ୟାଳୟ ଗୁଡିକରେ ଦେୟମୁକ୍ତ ଶିକ୍ଷା ସହିତ ମଧ୍ୟାହ୍ନ ଭୋଜନ ବିନା ମୁଲ୍ୟରେ ପୋଷା, ପୁସ୍ତକ, ସାଇକେଲ ବଣ୍ଟନ ସହିତ ମେଧାବୃତ୍ତି ପ୍ରଦାନ ବ୍ୟବସ୍ଥା ଥାଇ ମଧ୍ୟ ଶତ ପ୍ରତିଶତ ସାକ୍ଷରତା ସମ୍ଭବ ହେଉନାହିଁ । ଏହିଦୁଇ ପଞ୍ଚାୟତରେ ୮୫ପ୍ରତିଶତ କୃଷକ ଓ କୃଷିଶ୍ରମିକମାନଙ୍କର ଘୋର ଆର୍ଥିକ ଅନାଟନ ହିଁ ମୁଖ୍ୟ କାରଣ । ଶିକ୍ଷାପ୍ରାପ୍ତି ପାଇଁ ଶିକ୍ଷାଦାନକୁ ଅର୍ଥ ସହିତ ତୁଳନା କରୁଥିବା ଏହି ଘରୋଇ ଶିକ୍ଷା ଭବନର ଆର୍ବିଭାବରେ ୫କିଲୋମିଟର ବ୍ୟାସାର୍ଦ୍ଧ ପରିସରରେ ଥିବା ସରକାରୀ ଶିକ୍ଷାନୁଷ୍ଠାନର ଉପସ୍ଥାନ ହ୍ରାସ ଘଟି ଶେଷରେ ବନ୍ଦ ହୋଇଯିବା ସହ ବେସରକାରୀ ଶିକ୍ଷାନୁଷ୍ଠାନର ମାତ୍ରାଧିକ ମୂଲ୍ୟଯୁକ୍ତ ଦେୟ ବ୍ୟବସ୍ଥା ପ୍ରଚଳିତ ହୋଇ ସ୍ଥାନୀୟ ଅଞ୍ଚଳରେ ନିରାଶ ଓ ନିରକ୍ଷରତା କୁ ଜନ୍ମଦେବ । ଏହି ବେସରକାରୀ ଶିକ୍ଷାନୁଷ୍ଠାନକୁ ବିରୋଧକରି ବୋଧଗାଁ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ସଂଲଗ୍ନ ପ୍ଲଟରେ ସ୍ଥାପିତ ସଂଜୀବନୀ ଶିକ୍ଷାଭବନକୁ ସ୍ୱୀକୃତି ନଦେବାକୁ ବ୍ଲକ ଶିକ୍ଷା ଅଧିକାରୀ ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡା, ଉଭୟ ପଞ୍ଚାୟତର ସରପଞ୍ଚ ଏବଂ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି । ପୂର୍ବତନ ସରପଂଚ ଯଦୁମଣୀ ଦାସ, ସନାତନ ରାଉତ, ସଞ୍ଜୟ ସାମଲ, ରାଜକିଶୋର ରାଉତ, ଅମିୟ ବାରିକ, ବିଜୟ ଦାସ, ସହଦେବ ଦାସ, ଶତୃଘନ ପ୍ରଧାନ, ଆଦିକନ୍ଦ ବାରିକ, ସୁଦର୍ଶନ ମଳିକ ପ୍ରମୁଖ ଏକ ପ୍ରତିବାଦ ସଭା କରିଛନ୍ତି ।

## ବ୍ରହ୍ମପୁର ନଗର ଚିକିତ୍ସାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବ୍ରହ୍ମପୁର (ପିଏନ୍): ବ୍ରହ୍ମପୁର ନଗର ଚିକିତ୍ସାଳୟରେ କାର୍ଯ୍ୟରତ ଡ଼ାକ୍ତରଙ୍କ ଠାରୁ ଆରମ୍ଭ କରି ଗ୍ରୁପ୍ ଡ଼ି କର୍ମଚାରୀମାନେ ଦାୟିତ୍ୱ କର୍ତ୍ତବ୍ୟ ପ୍ରତି ଅଧିକ ଧ୍ୟାନ ଦେଇ ସେବା କ୍ଷେତ୍ରରେ ପାରଦର୍ଶିତା ଦେଖାଇ ପାରିଲେ ନଗର ଚିକିତ୍ସାଳୟର ସୁନାମ ବୃଦ୍ଧି ପାଇବ ବୋଲି ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ (ମେଡିକାଲ) ଡ଼ା. ବିଶ୍ୱମ୍ଭର ବେହେରା ପ୍ରକାଶ କରିଛନ୍ତି । ସ୍ଥାନୀୟ ନଗର ଚିକିତ୍ସାଳୟର କର୍ମଚାରୀ ରେଡିଓଲୋଜିଷ୍ଟ ଅନ୍ତର୍ଯ୍ୟାମୀ ପଟ୍ଟନାୟକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରା ପ୍ରୋଭିଜିନାଲ୍ ପେନସନ୍ ସହିତ ଉପହାର ଦେଇ ସମ୍ମାନିତ କରିଥିଲେ । କର୍ମଚାରୀ ସଂଘର ବରିଷ୍ଠ ଉପଦେଷ୍ଟା ତଥା ସାମ୍ବାଦିକ ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଗଞ୍ଜାମ ଜିଲ୍ଲା ମେଡ଼ିକାଲ କର୍ମଚାରୀ ସଂଘର ସଂପାଦକ ଜି. ନରସିଂହ ରାଓ ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମେଡ଼ିକାଲ କର୍ମଚାରୀ ସଂଘର ରାଜ୍ୟ ଉପସଭାପତି ସୁକାନ୍ତ ମୁଖୀ, ଉପଦେଷ୍ଟା ଲାଲୁମୋହନ ବେହେରା, ଯୁଗ୍ମ ସମ୍ପାଦକ ବିପିନ ବିହାରୀ ନାୟକ, କାର୍ଯ୍ୟକାରୀ ସମ୍ପାଦିକା ରେଣୁପ୍ରଭା ପାଢ଼ୀ, ରବିନ୍ଦ୍ର ନାଥ ନାୟକ, ଟୁନା ଜେନା, ତାରିଣୀ ଚରଣ ପାତ୍ର, ରବିନ୍ଦ୍ର କୁମାର ଦାସ ପ୍ରମୁଖ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଶ୍ରୀ ପଟ୍ଟନାୟକଙ୍କ ଦୀର୍ଘ ଜୀବନ କାମନା କରିଥିଲେ ।

## ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ଦ୍ୱାରା "ଜଳସେବା ଶିବିର"

ଭୁବନେଶ୍ୱର (ପିଏନ୍): ପ୍ରତି ବର୍ଷ ଓଡିଶା ରାଜ୍ୟ ସ୍କାଉଟସ୍ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ଗ୍ରୀଷ୍ମତାପରୁ ପଥଚାରୀମାନଙ୍କୁ ତୃଷ୍ଣା ନିବାରଣ ପାଇଁ ଜଳସେବା କେନ୍ଦ୍ର ଆୟୋଜିତ ହୋଇଥାଏ । ଚଳିତ ବର୍ଷ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ତା୦୧.୦୪.୨୦୨୧ରିଖଠାରୁ ମୁଖ୍ୟାଳୟର ମୁଖ୍ୟ ଫାଟକ ଏବଂ ଭୁବନେଶ୍ୱରର କେତେକ ସ୍କୁଲ ନିକଟରେ ଜଳସେବା କେନ୍ଦ୍ର ଖୋଲାଯାଇ ଦହି ଲେମ୍ବୁ ସର୍ବତ ବଂଟନ କରାଯାଇଛି । ଏହି ଅବସରରେ ରାଜ୍ୟ ମୁଖ୍ୟ କମିଶନର, ରାଜ୍ୟ କୋଷାଧ୍ୟକ୍ଷ ଏବଂ ରାଜ୍ୟ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମ ମେ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ।

# ଝୋଟି ସହ ହୁଳହୁଳିରେ କମ୍ପିଲା ଓଡ଼ିଆଣୀ ପ୍ରତିଯୋଗିତା ତୃତୀୟ ସଂଧ୍ୟା

ଭୁବନେଶ୍ୱର (ପିଏନ୍)–ଆମର ପ୍ରଖ୍ୟାତ ପ୍ରଥା ଓ ପାଶୋରି ହେଉନଥିବା ପରମ୍ପରା ଓ ଚଳଣୀକୁ ନେଇ ଏକ ଅଭିନବ ମହୋତ୍ସବର ପରିକଳ୍ପନା ଓଡ଼ିଆ ମହୋତ୍ସବ । ଅନ୍ୟତ୍ର ନୃତ୍ୟ, ଗୀତର ପ୍ରାଧାନ୍ୟକୁ ନେଇ ଅନେକ ଉତ୍ସବ ଓ ମହୋତ୍ସବ ଆୟୋଜିତ ହେଉଥିବା ବେଳେ ପ୍ରଥା,ପରମ୍ପରା ଓ ଚଳଣୀକୁ ଏକତ୍ର କରି ରୂପ ନେଇଛି ଏହି ଅଭିଯାନ । ଆମେ ଭୁଲି ଯାଉଥିବା ଭାଷା ଓ ସଂସ୍କୃତି ଭରି ରହିଛି ଏହି ପ୍ରଥା ଓ ପରମ୍ପରା ମଧ୍ୟରେ । ଏହାର ସୁରକ୍ଷା ତଥା ସଂପ୍ରସାରଣ ପାଇଁ ସାଂସ୍କୃତିକ ଆନ୍ଦୋଳନ ଭାବେ ଓଡ଼ିଆ ମହୋତ୍ସବର ପ୍ରମୁଖ କାର୍ଯ୍ୟକ୍ରମ ରୂପେ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଧାରାବାହିକ ଭାବେ ଚାଲି ଷୋହଳ ବର୍ଷରେ ପହଞ୍ଚିଛି । ଓଡ଼ିଆଣୀମାନଙ୍କ ଦ୍ୱାରା ଅଙ୍କିତ ସୁଦୃଶ୍ୟ ଝୋଟିରେ ଝଲସୁଥିଲା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ତୃତୀୟ ସଂଧ୍ୟା । ପୁଣି ଓଡ଼ିଆଣୀମାନେ ହୁଳହୁଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରକମ୍ପିତ କରୁଥିଲେ ମଞ୍ଚକୁ । ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ପ୍ରମୁଖ ଅତିଥି ଥିଲେ ପ୍ରାକ୍ତନ ମନ୍ତ୍ରୀ ତଥା ମାନ୍ୟବର ବିଧାୟକ ପ୍ରଫୁଲ୍ଲ ସାମଲ ଓ ସୁନାମଧନ୍ୟା ଗାୟିକା ଶ୍ରୀମତୀ ସଂଗୀତା ଗୋସାଇଁ । ସମ୍ମାନିତ ଅତିଥି ଥିଲେ ୨୦୧୯ର ଶ୍ରେଷ୍ଠ ଓଡ଼ିଆଣୀ ଶ୍ରୀମତୀ ମୀନା ପାଣିଗ୍ରାହୀ । ଉତ୍ସବ ସ୍ଥଳରେ ଅଙ୍କାଯାଇଥିବା ସୁଦୃଶ୍ୟ ଝୋଟି ମାଣବସା ଗୁରୁବାରର ଭ୍ରମ ସୃଷ୍ଟି କରିବା ବେଳେ ଓଡ଼ିଆଣୀମାନଙ୍କ ହୁଳହୁଳି ଧ୍ୱନି ମୁଖରିତ କରୁଥିଲା ପରିବେଶକୁ । ଏହି ସବୁ ମଧ୍ୟରେ ଉତ୍ସାହୀ ଓଡ଼ିଆଣୀମାନଙ୍କ ଗହଣରେ ଅନୁଷ୍ଠିତ ଉତ୍ସବରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜା । ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ଓଡ଼ିଆଣୀ ପ୍ରତିଯୋଗିତାରେ ବିଚାରକ ଭାବେ ଉପସ୍ଥିତ ଥିଲେ ଚିତ୍ରକାର ଗଜେନ୍ଦ୍ର ପାଢ଼ୀ, ରମାକାନ୍ତ ସାମନ୍ତରାୟ ଓ ସୁମିତ୍ରା ପାଢ଼ୀ । ଶିଶୁ କିଶୋରଙ୍କ ମଧ୍ୟରେ ଅନୁଷ୍ଠିତ ଓଡ଼ିଶୀ ଓ ଲଘୁନୃତ୍ୟ ପ୍ରତିଯୋଗିତାରେ ବିଚାରକ ଥିଲେ ଗୁରୁ ଦେବବ୍ରତ ଦାସ ଓ ଜି.ନାଗେଶ୍ୱରୀ । ଏହି କାର୍ଯ୍ୟକ୍ରମକୁ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି,ସଦସ୍ୟା ରାଜଶ୍ରୀ ଶତପଥି, ପ୍ରଫୁଲ୍ଲ ଦେ ପ୍ରମୁଖ ପରିଚାଳନା କରିଥିଲେ । ତା ପରଦିନ ଓଡ଼ିଆଣୀଙ୍କ ମଧ୍ୟରେ ଢଗଢମାଳି ଓ ଓଡ଼ିଆ ଭାଷାଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବୋଲି ଆୟୋଜକମାନେ ପ୍ରକାଶ କରିଥିଲେ ।

## ଭରତପୁର ଗ୍ରାମରେ ଦୋଳମେଳଣ ଅନୁଷ୍ଠିତ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ସହର ଉପକଣ୍ଠ ଭରତପୁର ଗ୍ରାମରେ ପ୍ରସିଦ୍ଧ ଦଧିବାବନଜିଉଙ୍କ ପଞ୍ଚୁଦୋଳ ମେଳଣ ସରକାରଙ୍କ କୋଭିଡ ନିୟମ ଅନୁପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନ ଅଧିକାରୀ ପ୍ରବୋଧ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅଳ୍ପ ସଂଖ୍ୟକ ଭକ୍ତଙ୍କୁ ନେଇ ଏହି ମେଳଣ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ୨ଶହ ବର୍ଷ ପୂର୍ବରୁ ଚାଲିଆସୁଥିବା ଏହି ମେଳଣରେ ୧୦ଟି ବିମାନ ବାଜା ବଜାଇ, ବାଣ ଫୁଟାଇ ରୋଷଣୀକରି ଭରତପୁର ଗ୍ରାମର ସୀତାରାମ ମଠ ପଡିଆରେ ପହଁଚିଥିଲେ । ବିମାନ ମାନଙ୍କରେ ଥିବା ଠାକୁରମାନଙ୍କୁ ପୂଜାର୍ଚ୍ଚନା ପରେ ଭୋଗଲାଗି କରାଯାଇଥିଲା । ପରେ ପାରମ୍ପାରିକ ଲୋକକଳା ଘୋଡାନାଚ, ପାଲା ପ୍ରଭୃତି ପରିବେଷଣ କରାଯାଇ କୀର୍ତ୍ତନ କରାଯାଇଥିଲା । ସଂଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ ନିର୍ଦ୍ଦେଶନାରେ ବାଗଦେବୀ କଳାମନ୍ଦିରର ଶିଳ୍ପୀ ରଞ୍ଜନ ବେହୁରା, ମନୋରଞ୍ଜନ ସାହୁ, ବିନାୟକ ସୁତାର, ହିମାଂଶୁଶେଖର କର, ସୁଶ୍ରୀ ଦିବ୍ୟାଦର୍ଶିନୀ ମହାନ୍ତି, ଶୁଭକ୍ରିଷ୍ଣା ଜେନା ପ୍ରମୁଖ ମନୋଜ୍ଞ ଭଜନ ପରିବେଷଣ କରିଥିଲେ । ଶ୍ରୀଚରଣ ବେହେରା, ଆକୁଳାନନ୍ଦ ବେହେରା, ସମୀର ରାଉତ, ଅରବିନ୍ଦ ମହାନ୍ତି, ଶକ୍ତି ପ୍ରସାଦ ମହାନ୍ତି, ସୁବୋଧ କୁମାର ଦାସ, ବିଜୟ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରକ୍ଷାକାଳୀଙ୍କ ବାର୍ଷିକ ପୂଜା ବିନା ପଶୁବଳିରେ ଅନୁଷ୍ଠିତ

ଯାଜପୁର (ପିଏନ୍): ଯାଜପୁର ପୌରପାଳିକର ୧୬ ନଂ ୱାର୍ଡର ବରୁଆଡି (ହାଟପାଟଣା)ସ୍ଥ ରକ୍ଷାକାଳୀଙ୍କ ବାର୍ଷିକ ପୂଜା ଗତ ମଙ୍ଗଳବାର ଓ ବୁଧବାରରେ ବିନା ପଶୁବଳିରେ ଅନୁଷ୍ଠିତ ହୋଇ ଯାଇଅଛି । ମୁଖ୍ୟପୂଜକ ପ୍ରଶାସନ୍ତ କୁମାର ସନ୍ଧିବିଗ୍ରହ, ଶିକ୍ଷାବିତ୍ ତଥା ପୂଜକ ବିଶ୍ୱମ୍ଭର ମିଶ୍ର, ଆଦିକନ୍ଦ ସନ୍ଧିବିଗ୍ରହ, ଶଶିଭୂଷଣ ପୃଷ୍ଟି, ସଦାନନ୍ଦ ସେନାପତି, ଦୁର୍ଗା ଦାସ, ଆଶିଷ ମହାନ୍ତି, ସୁରେନ୍ଦ୍ର ବାରିକ, ଦେବାଶିଷ ସେନାପତି, ସୁରେନ୍ଦ୍ର ସେନାପତି, ଗୋବର୍ଦ୍ଧନ ଦାସ, କାହ୍ନୁ ଚରଣ ସେନାପତି, ବିନୋଦ ବିହାରୀ ସେନାପତି, ଅଜୟ ପୃଷ୍ଟି, ରବିନାରାୟଣ ମିଶ୍ର, ମନୋଜ କୁମାର ମିଶ୍ର ପ୍ରମୁଖ ଗ୍ରାମବାସୀ ମାନଙ୍କର ନିଷ୍ପତ୍ତିକ୍ରମେ ଆଉ ଏ ପୀଠରେ ପଶୁବଳି ପଡିବ ନାହିଁ ବୋଲି ସ୍ଥିର କରାଯାଇଥିଲା । ଏଣୁ ସମସ୍ତ ଗ୍ରାମବାସୀ ଏବଂ ପଡୋଶୀ ଗ୍ରାମବାସୀମାନେ ମଧ ଏଥିରେ ଆନନ୍ଦ ପ୍ରକାଶ କରିଥିଲେ ଓ ଏହା ଅନ୍ୟମାନଙ୍କର ଉଦାହାରଣ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

## ବାଇକ ଦୁର୍ଘଟଣାରେ ୨ ଆହତ

କେନ୍ଦ୍ରାପଡା (ପିଏନ୍): ବାଇକ ଦୁର୍ଘଟଣାରେ ୨ଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ଥିବା ଜଣାପଡିଛି । ସୂଚନା ଅନୁଯାଇ କେନ୍ଦ୍ରାପଡା ପୌରାଚଂଳ ଅନ୍ତର୍ଗତ ଫକିରାବାଦ ଗ୍ରାମର ମହମ୍ମଦ ନବିମ(୨୩) ଓ ଜୟୀପୁରା ଗ୍ରାମର ସେକ ସୋନା ହାଇଦ୍ରାବାଦରେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କୁମଳା ଜୟୀପୁର ଗ୍ରାମର ଜନୈକ ସାଙ୍ଗ ସହିତ କାମ କରନ୍ତି । ସେମାନେ ଗ୍ରାମକୁ ଆସିଥିବାରୁ ନବୀନ ଓ ସୋନା ଏକ ବାଇକରେ ବାଲିଚନ୍ଦ୍ରପୁରର କୁମଳା ଜୟୀପୁର ଗ୍ରାମକୁ ସାଙ୍ଗକୁ ଦେଖାକରିବାକୁ ଯାଇଥିବା ସମୟରେ ବାଲିଚନ୍ଦ୍ରପୁର ନିକଟରେ ବାଇକଟି ଭାରସାମ୍ୟ ହରାଇ ତଳକୁ ଖସିପଡିଥିଲା । ଫଳରେ ନବୀନ ଗୁରୁତର ଭାବେ ଆହତ ହୋଇ କଟକ ବଡଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ସୋନାଙ୍କୁ ଆହତ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

# ଚତୁର୍ଥ ଦିନରେ ଶେଷ ହେଲା ଓଡ଼ିଆଣୀ ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ

ଭୁବନେଶ୍ୱର (ପିଏନ୍)–ଚାରି ଦିନ ଧରି ଚାଲିଥିବା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଓଡ଼ିଆଣୀଙ୍କ ମଧ୍ୟରେ ଢଗଢମାଳି ଓ ଓଡିଆ ଭାଷାଜ୍ଞାନର ପ୍ରତିଯୋଗିତା ସହ ଶେଷ ହୋଇଛି ।ଆମର ପ୍ରଖ୍ୟାତ ପ୍ରଥା ଓ ପାଶୋରି ହେଉନଥିବା ପରମ୍ପରା ଓ ଚଳଣୀକୁ ନେଇ ଏକ ଅଭିନବ ମହୋତ୍ସବର ପରିକଳ୍ପନା ଓଡ଼ିଆ ମହୋତ୍ସବ । ଅନ୍ୟତ୍ର ନୃତ୍ୟ,ଗୀତର ପ୍ରାଧାନ୍ୟକୁ ନେଇ ଅନେକ ଉତ୍ସବ ଓ ମହୋତ୍ସବ ଆୟୋଜିତ ହେଉଥିବା ବେଳେ ପ୍ରଥା,ପରମ୍ପରା ଓ ଚଳଣୀକୁ ଏକତ୍ର କରି ରୂପ ନେଇଛି ଏହି ଅଭିଯାନ । ଆମେ ଭୁଲି ଯାଉଥିବା ଭାଷା ଓ ସଂସ୍କୃତି ଭରି ରହିଛି ଏହି ପ୍ରଥା ଓ ପରମ୍ପରା ମଧ୍ୟରେ । ଏହାର ସୁରକ୍ଷା ତଥା ସଂପ୍ରସାରଣ ପାଇଁ ସାଂସ୍କୃତିକ ଆନ୍ଦୋଳନ ଭାବେ ଓଡ଼ିଆ ମହୋତ୍ସବର ପ୍ରମୁଖ କାର୍ଯ୍ୟକ୍ରମ ରୂପେ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଧାରାବାହିକତା ରକ୍ଷା କରି ଷୋଡଶ ବର୍ଷରେ ପହଞ୍ଚିଛି । ଓଡ଼ିଆଣୀମାନଙ୍କ ଦ୍ୱାରା ଅଙ୍କିତ ରଙ୍ଗ ବେରଙ୍ଗର ମୁରୁଜ, ସୁଦୃଶ୍ୟ ଝୋଟି ଓ ଉତ୍ସବ ସ୍ଥଳରେ ଭଙ୍ଗା ଯାଉଥିବା ମିଠାପାନର ମହକ,ହୁଳହୁଳିର ଧ୍ୱନି ତଥା ଢଗଢମାଳି ଓ ଓଡ଼ିଆ ଭାଷାଜ୍ଞାନର ପ୍ରତିଯୋଗିତା ସହ ସଂଭାବନା ପକ୍ଷରୁ ଆରମ୍ଭ ହୋଇଥିଲା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି । ସଂଭାବନା ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ଶେଷ ତିନି ଦିନର ପ୍ରମୁଖ ଅତିଥି ଥିଲେ ଅତିଥି ଥିଲେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ,ପ୍ରାକ୍ତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ସଂଗୀତ ଶିଳ୍ପୀ ସଂଗୀତ ଗୋସାଇଁ ତଥା ୨୦୧୯ର ଶ୍ରେଷ୍ଠ ଓଡିଆଣୀ ଶ୍ରୀମତୀ ମୀନା ପାଣିଗ୍ରାହୀ । ମଞ୍ଚରେ ଉପସ୍ଥିତ ଥିଲେ ସଂଭାବନାର ସଭ୍ୟା,ସାହିତ୍ୟିକା, କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ଓ ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା,ଟ୍ରଷ୍ଟି ସ୍ମୃତି ମହାନ୍ତି ଓ ଓଡ଼ିଆଣୀ ସମିତିର ସଂଯୋଜିକା ସୌଦାମିନୀ ସାମଲ ଆଦି । ଚତୁର୍ଥ ସଂଧ୍ୟାର ଆକର୍ଷଣ ଥିଲା ଓଡ଼ିଆଣୀମାନଙ୍କ ମଧ୍ୟରେ ଢଗଢମାଳି ଓ ଓଡ଼ିଆ ଭାଷାଜ୍ଞାନର ପ୍ରତିଯୋଗିତା । ତତ୍ ସହିତ ଶିଶୁ–କିଶୋରଙ୍କ ମଧ୍ୟରେ ଓଡ଼ିଆ ସୁଗମ ସଂଗୀତ ପ୍ରତିଯୋଗିତା । ବିଚାରକ ଥିଲେ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ଓ ତବଲା ବାଦକ ଅଜୟ ଚୌଧୁରୀ । ଓଡ଼ିଆଣୀ ପ୍ରତିଯୋଗିତାର ବିଚାରକ ଭାବେ ଉପସ୍ଥିତ ଥିଲେ ଲେଖକ ତଥା ସାମ୍ବାଦିକ ବିଜୟ କୁମାର ମହାନ୍ତି, ଚିତ୍ରକାର ଗଜେନ୍ଦ୍ର ପାଢ଼ୀ, ରମାକାନ୍ତ ସାମନ୍ତରାୟ, ପଞ୍ଚାନନ ସାମଲ, ସୁମିତ୍ରା ପାଢ଼ୀ, ଗୁରୁ ଦେବବ୍ରତ ଦାସ ଓ ଜି.ନାଗେଶ୍ୱରୀ । ଏହି କାର୍ଯ୍ୟକ୍ରମକୁ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି,ସଦସ୍ୟ ରାଜଶ୍ରୀ ଶତପଥି,ଅସ୍ମିତା ପାଣିଗ୍ରାହୀ,ପ୍ରଫୁଲ୍ଲ ଦେ ଓ ସତ୍ୟବ୍ରତ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଆସନ୍ତା ଅପ୍ରେଲ ୧୨ ତାରିଖରୁ ୧୪ ତାରିଖ, ବିଷୁବ ସଂକ୍ରାନ୍ତି, ଓଡିଆ ନୂଆବର୍ଷ ପର୍ଯ୍ୟନ୍ତ ଶ୍ରେଷ୍ଠ ଓଡିଆଣୀ ପ୍ରତିଯୋଗିତାର ଅନ୍ତିମ ପର୍ଯ୍ୟାୟ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ଘୋଷଣା କରିଥିଲେ ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଓ ଦରବୃଦ୍ଧି ବିରୋଧରେ ସିପିଆଇ(ଏମ୍)ର ଆନ୍ଦୋଳନ ଆହ୍ୱାନ

ଭୁବନେଶ୍ୱର (ପିଏନ୍): ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ ସମ୍ପାଦକମଣ୍ଡଳୀ ବୈଠକରେ ଓଡିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ପକ୍ଷରୁ ପୁଣି ଥରେ ୟୁନିଟ୍ ପିଛା ୩୦ପଇସା ଶୁଳ୍କ ବୃଦ୍ଧି ବିରୋଧରେ ରାଜ୍ୟବ୍ୟାପୀ ବ୍ୟାପକ ଆନ୍ଦୋଳନ ପାଇଁ ଆହ୍ୱାନ କରାଯାଇଛି । ଓଡିଶା ରାଜ୍ୟ ସରକାର ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାକୁ ଟାଟା ପାୱାର ଭଳି ଘରୋଇ ସଂସ୍ଥା ହାତରେ ସଂପୂର୍ଣ୍ଣ ଭାବେ ଟେକି ଦେଇଛନ୍ତି ଏବଂ ଘରୋଇ ସଂସ୍ଥାର ମୁନାଫା ପାଇଁ ବିଦ୍ୟୁତ୍ ମୂଲ୍ୟକୁ ଓ.ଇ.ଆର୍.ସି. ଜରିଆରେ ବଢାଇ ଚାଲିଛନ୍ତି । ୪ ମାସ ତଳେ ବିଦ୍ୟୁତ୍ ୟୁନିଟ୍ ପିଛା ୨୦ ପଇସା ବଢିଥିଲା । ବର୍ତ୍ତମାନ ପୁଣି ୟୁନିଟ୍ ୩୦ ପଇସା ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଛି । କୋଭିଡ୍ ସମୟରେ ଜନଗଣଙ୍କ ଆୟ ହ୍ରାସ ପାଇଥିବା ବେଳେ ଏହି ମୂଲ୍ୟବୃଦ୍ଧି ସେମାନଙ୍କୁ ବାଧୁଛି । ତେଣୁ ବିଦ୍ୟୁତ୍ ମୁଲ୍ୟ ବୃଦ୍ଧି ବିରୁଦ୍ଧରେ ଆଗାମୀ ଏପ୍ରିଲ ୮ ତାରିଖରେ ରାଜ୍ୟବ୍ୟାପୀ ବ୍ଲକ, ତହସିଲ ଓ ଜିଲ୍ଲା ସ୍ତରରେ ଆନ୍ଦୋଳନ ପାଇଁ ଆହ୍ୱାନ କରିଛନ୍ତି । ଅନୁରୂପ ଭାବେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ର ମୂଲ୍ୟ ଲଗାତର ଭାବେ ବଢିଚାଲିଛି । ଏଗୁଡିକ ଉପରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଅଧିକ ଟିକସ ବସାଇ ସାଧାରଣ ଲୋକଙ୍କୁ ଲୁଟୁଛନ୍ତି । ଖାଇବା ତେଲ, ଲୁଣ, ପନିପରିବା ଔଷଧ ତଥା ଯାତାୟତ ଖର୍ଚ୍ଚ ବହୁ ଗୁଣରେ ବୃଦ୍ଧି ପାଉଛି । ଦରବୃଦ୍ଧି ଯୋଗୁଁ ଲୋକମାନେ ଅତି ଦହଗଞ୍ଜ ହେଉଛନ୍ତି । ଏହା ବିରୁଦ୍ଧରେ ଆଗାମୀ ଏପ୍ରିଲ ୨୩ ତାରିଖ ଦିନ ରାଜ୍ୟବ୍ୟାପୀ ବ୍ଲକ୍, ତହସିଲ ଓ ଜିଲ୍ଲା ସ୍ତରରେ ସତ୍ୟାଗ୍ରହ କରି ଗିରଫ ହୋଇ ପ୍ରତିବାଦ କରିବା ପାଇଁ ନିଷ୍ପତ୍ତି ହୋଇଛି । ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନର ପ୍ରସ୍ତୁତି ରୂପେ କାଳିଆ ଯୋଜନା ସହାୟତା ପାଇଁ ଘୋଷଣା କରିଛନ୍ତି । ଏଣେ ରାଜ୍ୟର ଚାଷୀମାନେ ସରକାରୀ ଅବହେଳା, ଅପାରଗତା ଯୋଗୁଁ ଉତ୍ପାଦିତ ଧାନକୁ ଅତ୍ୟନ୍ତ ସ୍ୱଳ୍ପ ମୂଲ୍ୟରେ ବିକିବାକୁ ବାଧ ହେଉଛନ୍ତି । ଚଳିତ ବର୍ଷ ପରି ପୂର୍ବରୁ କେବେ ବି ଧାନର ଏପରି ଅଭାବୀ ବିକ୍ରୀ ଦେଖା ଦେଇନଥିଲା । ପଞ୍ଜିକରଣ କରି ସୁଦ୍ଧା ରାଜ୍ୟର ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ମଣ୍ଡି ଜରିଆରେ ସରକାରୀ ସହାୟକ ମୂଲ୍ୟରେ ଧାନ ବିକ୍ରୀ କରିପାରିନାହାଁନ୍ତି । ଚାଷୀମାନେ ସ୍ୱଳ୍ପ ମୂଲ୍ୟରେ ଧାନ ବିକ୍ରୀ କରି ଘୋର ଆର୍ଥିକ ଅଭାବରେ ପଡିଥିବା ବେଳେ କାଳିଆ ଟଙ୍କା ବଣ୍ଟନ ଘୋଷଣା ସେମାନଙ୍କୁ ରକ୍ଷା କରି ପାରିବ ନାହିଁ । ଏଣୁ ରାଜ୍ୟ ସରକାର ଅବିଳମ୍ବେ ଭାଗଚାଷୀଙ୍କ ସମେତ ସବୁ ଚାଷୀଙ୍କ ଧାନ ସରକାରୀ ମୂଲ୍ୟରେ ମଣ୍ଡି ଜରିଆରେ କ୍ରୟ କରିବାକୁ ସପିଆଇ(ଏମ୍) ପକ୍ଷରୁ ଦାବୀ କରାଯାଇଛି ।

# ଓଡିଶା ଦିବସ ପାଳିତ : ମାତୃଭୂମି ଓ ମାତୃଭାଷାକୁ ଭଲ ପାଆନ୍ତୁ



କେନ୍ଦୁଝର (ପିଏନ୍): ୮୬ତମ ଓଡିଶା ଦିବସ ତା ୦୧.୦୪.୨୦୨୧ରିଖ ଗୁରୁବାର ଦିନ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପୂର୍ବାହ୍ନରେ ଦରବାରହଲଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଅତିଥି ଓ ବକ୍ତାମାନେ ମାତୃଭୂମି ଓ ମାତୃଭାଷାକୁ ଭଲ ପାଇବାକୁ ଆହ୍ୱାନ ଜଣାଇଛନ୍ତି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ କମଳିନୀ ପାତ୍ର ଉଦ୍‌ବୋଧନ ଦେଇ ଓଡିଆ ଜାତିର ସ୍ୱାଭିମାନକୁ ସର୍ବଦା ବଜାୟ ରଖିବା ନିମନ୍ତେ ପ୍ରତ୍ୟେକ ଓଡିଆ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତ୍ୟାଗ ଓ ବଳିଦାନ ରଖିଥିବା ଉତ୍କଳର ବରପୁତ୍ରମାନଙ୍କୁ ଶ୍ରଦ୍ଧାଂଜଳି ଜଣାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ସମୃଦ୍ଧ ଓଡିଶା ଗଠନ ନିମନ୍ତେ ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ । ଭାଷଣ ପ୍ରସଙ୍ଗରେ ଉତ୍କଳର ପୂର୍ବ ଗୌରବ, ପୂର୍ବ ମହିମାକୁ ମନେ ପକାଇ ନିଜ ମାଆକୁ, ମାଟିକୁ ଓ ଜାତିକୁ ଭଲ ପାଇଲେ ଓଡିଶାର ଓ ଓଡିଆମାନଙ୍କର ମର୍ଯ୍ୟାଦା ବିଶ୍ୱ ଦରବାରରେ ବୃଦ୍ଧି ପାଇବ ବୋଲି କହିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ଓଡିଶା ଦିବସ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇ ନିଜ ଅଭିଭାଷଣରେ ଜିଲ୍ଲା ତଥା ରାଜ୍ୟର ଉନ୍ନତି ଦିଗରେ ଓଡିଶା ଦିବସ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଭାଷଣ ପ୍ରସଙ୍ଗରେ ଜିଲ୍ଲାପାଳ କହିଥିଲେ ଯେ ଓଡିଶାରେ ସାଂସ୍କୃତିକ ବିଭିଧତା ରହିଥିଲେ ମଧ୍ୟ ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠା ହୋଇପାରିଛି ଯାହାକି ଓଡିଶାର ଭୂଷଣ । ସଂସ୍କୃତି ଗୋଟିଏ ଜାତିର ଆଧାର ଓ ସମାଜର ଭିତିଭୂମି । ସଂସ୍କୃତି ଓ ଭାଷା ସମୃଦ୍ଧ ହେଲେ ରାଜ୍ୟ ସମୃଦ୍ଧ ହେବ । ଓଡିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟ ଏବଂ ସୌନ୍ଦର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ଏହା ସମଗ୍ର ଭାରତ ବର୍ଷରେ ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ କରିଛି । ଓଡିଆ ଭାଷାର ପ୍ରାଚୀନତା ଓ ଗାରିମା ଯୋଗୁ ଏହା ଶାସ୍ତ୍ରୀୟ ମାନ୍ୟତା ପାଇଛି, ଯାହାକି ପ୍ରତ୍ୟେକ ଓଡିଆ ପାଇଁ ଗର୍ବ ଓ ଗୌରବର ବିଷୟ । ଏହାକୁ ଅଧିକ ରନ୍ଧିମନ୍ତ କରିବାକୁ ପ୍ରତ୍ୟେକ ବ୍ୟକ୍ତି ପ୍ରତିବଦ୍ଧତା ରଖିବା ଏକାଂ ଆବଶ୍ୟକ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ଓଡିଶା ବିଭିନ୍ନ କ୍ଷେତ୍ରରେ ଦେଶରେ ତଥା ବିଶ୍ୱରେ ସୁନାମ ଅର୍ଜନ କରି ଉଦାହରଣ ସାଜିବା ଓଡିଶାବାସୀଙ୍କ ପାଇଁ ଗୌରବାବହ ଘଟଣା । ଏଣୁ ଏ ଦିଗରେ ରାଜ୍ୟବାସୀ ଅନୁପ୍ରାଣିତ ହେଲେ ଓଡିଶାର ଅଶେଷ ମଙ୍ଗଳ ହେବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ । ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶ ଡ଼ଃ ଉଦ୍ଧବ ଚନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ନାୟକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଅଧ୍ୟ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ମାଆ ହେଉଛି ଆମର ପରିଚୟ ଏବଂ ମାତୃଭୂମି ଓଡିଶା ଆମର ମାଆ ଓ ଓଡିଶା ଦିବସ ହେଉଛି ପ୍ରତ୍ୟେକ ଓଡିଆ ପାଇଁ ସ୍ପର୍ଦ୍ଧା, ସ୍ୱାଭିମାନ ଏବଂ ଅସ୍ମିତାର ପ୍ରତୀକ । ଓଡିଶା ଦିବସ ପ୍ରତ୍ୟେକ ଓଡିଆକୁ ଏହାର ସଂସ୍କୃତି, ଐତିହ୍ୟ ଓ ପରଂପରାର ସୁରକ୍ଷା ଦେବା ପାଇଁ ପ୍ରେରଣା ଯୋଗାଇବ । ମାତୃଭୂମି ଓ ମାତୃଭାଷା ପ୍ରତି ମମତା ରଖିଲେ ଓଡିଆ ଜାତି ଉନ୍ନତିର ଚରମ ସୀମାରେ ପହଂଚିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଓଡିଆ ନିଜ ପାଇଁ ଓଡିଆ ଭାବରେ ଶକ୍ତିଶାଳୀ ପରିଚୟ ତିଆରି କରିବାକୁ ଆହ୍ୱାନ ଦେଇଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଇତିବୃତି ସଂପର୍କରେ ଆଲୋକପାତ କରି ପ୍ରତ୍ୟେକ ଓଡିଆ ନିଜ ନିଜର ଆଚରଣରେ, ଉଚ୍ଚାରଣରେ ଓଡିଆ ପ୍ରତି ଓ ଓଡିଶା ପ୍ରତି ମମତା ରଖିବାକୁ ନିବେଦନ କରିଥିଲେ । ପ୍ରତ୍ୟେକ ଓଡିଆ ଯେଉଁଠି ଥିଲେ ବି ନିଜକୁ ଓଡିଆ ଭାବେ ପରିଚୟ ଦେଇ ଗର୍ବ କରିବାକୁ ନିବେଦନ କରିଥିଲେ । ଓଡିଶା ଗଠନରେ ଯେଉଁ ଯୋଗଜନ୍ମା ମହାପୁରୁଷମାନେ ତ୍ୟାଗ ଓ ତିତିକ୍ଷାର ଉଦାହରଣ ସୃଷ୍ଟି କରିଛନ୍ତି ତାହା ପ୍ରତ୍ୟେକ ଓଡିଆଙ୍କୁ ସବୁବେଳେ ଅନୁପ୍ରାଣିତ କରୁଥିବ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ଜଗନ୍ନାଥ ସଂସ୍କୃତି ଓଡିଶା ସଂସ୍କୃତିକୁ କିପରି ରନ୍ଧିମନ୍ତ କରି ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ତାହା ଅବତାରଣା କରି ଓଡିଶାର ପୂର୍ବ ଗୌରବ, ପୂର୍ବ ମହିମାକୁ ମନେ ପକାଇ ସମୟ ଚକ୍ରରେ ଖଣ୍ଡ ବିଖଣ୍ଡିତ ହୋଇଯାଇଥିବା ଓଡିଆ ଭାଷାଭାଷୀ ଅଂଚଳକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାରେ ଯେଉଁ ମହାମନିଷୀମାନେ ଅସୀମ ତ୍ୟାଗ, ଅପୂର୍ବ ସାହସ ଦେଖାଇଛନ୍ତି ସେମାନଙ୍କ ନିକଟରେ ଓଡିଆ ଜାତି ସବୁବେଳେ ଋଣୀ ହୋଇ ରହିବ ବୋଲି କହିଥିଲେ । ମହାମନିଷୀମାନଙ୍କର ଉଚ୍ଚ ଆଦର୍ଶ ଓ ଚିନ୍ତାଧାରା ସବୁବେଳେ ଓଡିଶାବାସୀଙ୍କୁ ପ୍ରେରଣା ଯୋଗାଇବ । ଓଡିଶା ଦିବସ ଓଡିଶାକୁ, ଓଡିଶା ମାଟିକୁ, ଓଡିଆ ଭାଷାକୁ ଏବଂ ଓଡିଆମାନଙ୍କୁ ଭଲ ପାଇବା ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ଅବସରରେ ଉଚ୍ଚବିଦ୍ୟାଳୟସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମାରୋହରେ ବିଭିନ୍ନ ବିଭାଗୀୟ ଅଧିକାରୀ/କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ସଭା ପୂର୍ବରୁ ସକାଳେ ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଓଡିଶା ଦିବସ ପାଳନ ଅବସରରେ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ସହରରେ ଡାକବାଜି ଯନ୍ତ୍ର ଯୋଗେ ଉତ୍କଳ ବନ୍ଦନା ପ୍ରସାରଣ କରାଯାଇଥିଲା ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆରଏସପିରେ ପୁଣି ଦୁର୍ଘଟଣା, ଜଳିଗଲା କଂଟ୍ରୋଲ ରୁମ

ରାଉରକେଲା : ରାଉରକେଲା ଇସ୍ପାତ କାରଖାନାରେ ପୁଣି ଦୁର୍ଘଟଣା ଘଟିଛି ,ଏଥିରେ କୌଣସି କର୍ମଚାରୀ ମୃତାହତ ହୋଇନଥିବା ବେଳେ ନିଆଁ ଲାଗି ଏକ କଂଟ୍ରୋଲ ରୁମ ଜଳିଯାଇ କାରଖାନାର ଉତ୍ପାଦନ ଉପରେ ଆଂଚ ଆଣିଛି ,ଫଳରେ କାରଖାନାର ବ୍ୟାପକ କ୍ଷତି ହୋଇଥିବା ନେଇ ବିଭିନ୍ନ ଶ୍ରମିକ ସଙ୍ଗଠନ ଅଭିଯୋଗ କରିଛନ୍ତି ,ତେବେ ଏନେଇ ପୁଣି ସେହି ଚିରା ଚରିତ ପ୍ରଥାରେ ତଦନ୍ତ ହେବ ବୋଲି ଆରଏସପି ପକ୍ଷରୁ କୁହାଯାଇଥିବା ଖବର ମିଳିଛି । ଘଟଣା ଘଟିଛି ଗତକାଲି ରାତି ଗୋଟାଏରୁ ଦେଢଟା ଭିତରେ ।ଏସ ଏମ ଏସ-୨ କଂଟ୍ରୋଲ ରୁମରେ ହଠାତ ନିଆଁ ଲାଗି ଏଠାରେ ଥିବା ସମସ୍ତ କଂପ୍ୟୁଟର, କେବୁଲ, କାଗଜପତ୍ର ଜଳି ଗଲା । ତେବେ ନିଆଁ ଲିଭା ଦଳ ଖବର ପାଇ ଅଗ୍ନିକୁ ନିୟନ୍ତ୍ରଣ କରିଥିଲେ ବି ଏସବୁ କୁ ରକ୍ଷା କରିପାରି ନଥିଲେ । କୁହାଯାଉଛି ଯେ, ଏହି ବିଭାଗର ସ୍ଲାଗ ପଟ ୨ରେ କୌଣସି କାରଣରୁ ନିଆଁ ଲାଗି କେବୁଲ ଜଳିଥିଲା । ତେବେ ଏହାକୁ କେହି ଜାଣି ନପାରିବାରୁ ଏହି କେବୁଲ ଜଳି ଜଳି ଶେଷରେ କଂଟ୍ରୋଲ ରୁମ କୁ ଧରିଥିଲା ଫଳରେ ଏହି ରୁମ ଜଳି ପାଉଁସ ହୋଇ ,୨ଟି ଯାକ କନଭର୍ଟର ଅଚଳ ହୋଇ ପଡିଛି । ୩ନମ୍ବର କନଭର୍ଟରରେ କାମ ଚାଲିଥିବା ବେଳେ ଏହି ୨ଟି ବନ୍ଦ ରହିଛି । ଏଭଳି କାରଣ ଯୋଗୁ ଆରଏସପିର ବହୁ କ୍ଷତି ହୋଇଥିବା ଶ୍ରମିକ ସଂଗଠନ ମାନେ ଅଭିଯୋଗ କରିଛନ୍ତି । ତେବେ ସ୍ଲାଗ ପଟରେ ଅଗ୍ନି କାଣ୍ଡ ଲାଗି ଏଭଳି ଦୁର୍ଘଟଣା ହେଲା ବୋଲି ଶ୍ରମିକ ଓ ସଙ୍ଗଠନ ମାନେ କହୁଥିବା ବେଳେ ଏହି ଦୁର୍ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଫାକ୍ଟ୍ରୀ ବୟଲର ବିଭାଗ ମୁହଁ ଖୋଲି ନାହିଁ। ଏଭଳି ଦୁର୍ଘଟଣା କାରଖାନାରେ ବାରମ୍ବାର ଘଟିବା ସହ କ୍ଷୟ କ୍ଷତି ସାଙ୍ଗକୁ ଶ୍ରମିକ ମୃତାହାତ ହେଉଛନ୍ତି । ନିକଟରେ ୪ଜଣ ଠିକା ଶ୍ରମିକଙ୍କ ମୃତ୍ୟୁ ହେବା ସହ ପୁଣି ଜଣେ ଶ୍ରମିକ ମରିଲେ ଓ ତାଙ୍କ ଶରୀର ୨୦ଦିନ ପଡି ରହିଲା , ଗତକାଲି ଦୁର୍ଘଟଣା ହୋଇଥିବା ସ୍ଥାନରେ ଅତିତରେ ଦୁର୍ଘଟଣା ଗ୍ରସ୍ତ ହୋଇ ଜଣେ ଏଜିଏମଙ୍କର ମୃତ୍ୟୁ ହୋଇଥିଲା, ୨/୩ ଜଣ ଠିକା ଶ୍ରମିକ ମଧ୍ୟ ମୃତ୍ୟୁ ବରଣ କରିଥିଲେ । ଏଭଳି ଦୁର୍ଘଟଣା ସହ ମୃତାହତ ଓ କ୍ଷୟ କ୍ଷତି ପଛରେ ମୁଖ୍ୟ କାରଣ ହେଲା ଏଠାରେ ନିୟମିତ କର୍ମଚାରୀ ଙ୍କ ସଂଖ୍ୟା କମ ରହିଛି ଓ ସେହିଯାଗାରେ ଅନଭିଗ୍ୟଂ ଠିକା ଶ୍ରମିକ ମାନଙ୍କୁ ନେଇ କାମ କରାଯାଉଛି । ଏଭଳି କାମ ସମୟରେ ସେହି ଅଂଚଳର ଅଫିସର ମାନେ ନିଘୋଡ ନିଦରେ ଏସି ରୁମରେ ଶୋଇପଡୁଛନ୍ତି । ଫଳରେ ଏଭଳି ଦୁର୍ଘଟଣା ମାନ କାରଖାନାରେ ବଢିଚାଲିଛି ବୋଲି ଶ୍ରମିକ ସଂଗଠନ ମାନେ ଅଭିଯୋଗ କରିଛନ୍ତି । ଏହା ଛଡା ବାରମ୍ବାର ଦୁର୍ଘଟଣା ନେଇ ଏହି କାରଖାନାକୁ ରାଜ୍ୟ ସରକାରଙ୍କ କାରଖାନା ବିଭାଗ ର ନିର୍ଘାତ ଛାଟ ନପଡିବା ଓ ଏଠାରେ ଦାୟିତ୍ୱରେ ଥିବା ବାବୁ ମାନେ ଆରଏସପିର କୋଠ ପୁଅ ହୋଇ ସବୁ ଭୁଲିଜିବା ଅନ୍ୟତମ କାରଣ ବୋଲି କୁହାଯାଉଛି । ନିକଟରେ ୪ଠିକା ଶ୍ରମିକ ମୃତ୍ୟୁବରଣ କରିବା ମାମଲରେ ରାଜ୍ୟ କାରଖାନା ବିଭାଗ ମାମଲା କଲା ବୋଲି କୁହାଯାଇଥିବା ବେଳେ ରାଉରକେଲା ପୁଲିସି ମଧ୍ୟ ଏହି ଦୁର୍ଘଟଣାରେ କେବଳ କେସ୍ ଟିଏ କରିଦେଇ ସବୁ ଦିନ ଭଳି ନୀରବ । ସୁରକ୍ଷାକୁ ନେଇ ଏହି କାରଖାନା ମାମଲାରେ ଆଇନ ଅନୁସାରେ ଦାୟିତ୍ୱରେ ଥିବା ବିଭାଗ ଓ ଅଫିସର ମାନଙ୍କ ନୀରବତା କାରଖାନା ଚଳାଉଥିବା ଅଧିକାରୀ ମାନଙ୍କ ବେପରୁଆ ମନୋଭାବକୁ ଅଧିକ ସାହାସ ଯୋଗାଉଛି ଫଳରେ ଉଭୟ କାରକାନା ଓ ନିରାହ ଜୀବନ ଗୁଡିକ ବଳିପଡୁଛି । ତେବେ ଏନେଇ ଆରଏସପି ପକ୍ଷରୁ କୌଣସି ସୂଚନା ମିଳିନଥିବା ବେଳେ ଏସଂପର୍କରେ ସବୁ ଦୁର୍ଘଟଣା ଭଳି ତଦନ୍ତ କରାଜିବ ବୋଲି ଖବର ମିଳିଛି ।

## ଶ୍ରୀଜଗନ୍ନାଥ ଚେତନା ଅଧିବେଶନ ପ୍ରସ୍ତୁତି ବୈଠକ

କଣାସ: ଆଗାମୀ ଜୁନ୍ ମାସରେ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର, ବେଶ, ୫୬ ଭୋଗ, ବସ୍ତ୍ର, ବିଭିନ୍ନ ତଥ୍ୟ ପଦର୍ଶନ ସହିତ ଯଜ୍ଞ, ପାରାୟଣ ଗଡିଶାଗୋଦା ଗ୍ରାମପଚାଂୟତ ନୂଆଗାଁଠାରେ ୫ଦିନ ବ୍ୟାପି ଅନୁଷ୍ଠିତ ହେବାପାଇଁ ଏକ ପ୍ରସ୍ତୁତି ବୈଠକ ଇତିମଧ୍ୟରେ କଣାସ ବ୍ଲକ ଅନ୍ତର୍ଗତ ସାନଓରା ହନୁମାନ ମନ୍ଦିର ପରିସରରେ କବି ବୈକୁଣ୍ଠ ନରେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୁରୀ ଗଜପତି ଯୋଗଦେବାର କାର୍ଯ୍ୟକ୍ରମ ଥିବାରୁ ତାରିଖ ଧାର୍ଯ୍ୟ ହୋଇପାରିନଥିବା ଜଣାପଡିଛି । କଣାସ ଅଂଚଳର ଜଗନ୍ନାଥ ପ୍ରେମୀମାନେ ଏହି ବୈଠକରେ ଯୋଗଦେଇ କିପରି ଅଧିବେଶନଟି ସରସ ସୁନ୍ଦର ଓ ପ୍ରଚାର ପ୍ରସାର ହେବ ବୋଲି ଆଲୋଚନା କରିଥିଲେ । ଏହି ବୈଠକରେ କବି କାଶିନାଥ ପାଣିଗ୍ରାହୀ, ଜଗନ୍ନାଥ ସଂସ୍କୃତି ଗବେଷକ କବି କସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, କଣାସ ଅଂଚଳର ବରିଷ୍ଠ ସାମ୍ବାଦିକ ଓ ଔପନ୍ୟାସିକ କୃପାସିନ୍ଧୁ ବିଶ୍ୱାଳ, ଶିକ୍ଷାବିତ୍ ବିଜୟ ପ୍ରଧାନ, ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ହେମନ୍ତ ପ୍ରଧାନ, ପ୍ରଭାକର ଦାଶ, ବିଷ୍ଣୁଚରଣ ସାହୁ, ସର୍ବେଶ୍ୱର ପ୍ରଧାନ, ସାମ୍ବାଦିକ ହେମନ୍ତ ମହାରଥୀ, କୃଷ୍ଣଚରଣ ସାହୁ, କବି ଅଜୟ କୁମାର ସେଠୀ, ଭୀମସେନ ଶତପଥୀ ପ୍ରମୁଖ ଯୋଗଦେଇ ସେମାନଙ୍କ ନିଜସ୍ୱ ମତାମତ ଉତ୍ସବକୁ ସରସ ସୁନ୍ଦର କରିବାପାଇଁ ଉପସ୍ଥାପନ କରିଥିଲେ । ଅଧିବେଶନର ସଂଯୋଜକ କୃଷ୍ଣଚନ୍ଦ୍ର ସାହୁ ବୈଠକକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମଟି ଜଗନ୍ନାଥ ଚେତନା ଟ୍ରଷ୍ଟ ପକ୍ଷରୁ ଆୟୋଜନ କରାଯାଇଥିଲା ।

# ପିପିଲି ଉପନିର୍ବାଚନରେ ଜିତିବ କିଏ ?

## ଯାହାକୁ ଆପଣମାନେ ସବୁଠୁ ଅଧିକ ଭୋଟ ଦେବେ ସେ ଜିତିବ



ଭୁବନେଶ୍ୱର : ରାଜତନ୍ତ୍ର ହଟିବା ପରେ ବଂଶଗତ ଶାସନକୁ ରଦ୍ଦ କରି ସମ୍ବିଧାନ ପ୍ରଣେତା ଗଣତନ୍ତ୍ରର ଚିଠା ପ୍ରସ୍ତୁତ କରି ଆମ୍ଭମାନଙ୍କ ଭୋଟରେ ଆମରି ଭିତରୁ କେହି ଜଣେ ୫ବର୍ଷରେ ଥରେ ଜିତିବାର ବ୍ୟବସ୍ଥା କରିଛନ୍ତି । ସ୍ୱାଧିନତା ପରେ କଂଗ୍ରେସ ପାଖାପାଖି ୫୦ବର୍ଷ ଉଭୟ ଦେଶ ଏବଂ ରାଜ୍ୟରେ ଶାସନ କଲା । ଆମ ରାଜ୍ୟରେ ଏବେ ୫ମଥର ପାଇଁ ବିଜେଡି ଶାସନ କରୁଛି । ଏଥି ପୂର୍ବରୁ ୧୦ବର୍ଷ ବିଜେଡି କାନ୍ଧରେ ବସି ବିଜେପି ଶାସନ କରିଥିଲା । ଏବେ କେନ୍ଦ୍ରରେ ୧୦ବର୍ଷ ପାଇଁ ବିଜେପି ଶାସନରେ ଅଛି । ଯେଉଁ କଂଗ୍ରେସ ସ୍ୱାଧିନତା ଆଣି ଦୀର୍ଘ ୫୦ବର୍ଷ ଶାସନ କରିଥିଲା, ତା'କୁ ଜନସାଧାରଣ ଭୁଲିଗଲେ, ଲୋକଙ୍କର ଦୟା, ସମବେଦନା କିଛି ନାହିଁ । ଏବେ ବିଜେଡିକୁ ମଧ୍ୟ ଭୁଲିଯିବେ । ଏଠାରେ କହିବା କଥା ହେଉଛି ପିପିଲି ଉପନିର୍ବାଚନ ମାତ୍ର ୩ବର୍ଷ ପାଇଁ । ଉପରୋକ୍ତ ତିନି ଦଳକୁ ଆପଣମାନେ ବାରମ୍ବାର ପରୀକ୍ଷା କରିସାରିଲେଣି । ଏମାନେ ଏବେ ସବୁକ୍ଷେତ୍ରରେ ବିଫଳ । ତେଣୁ ଗଣତନ୍ତ୍ରରେ ପରିବର୍ତନ ଲୋଡା । ଓଡିଶା ଜନସଂଖ୍ୟାର ୪୦ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର । କିନ୍ତୁ ପିପିଲିରେ ଏହା ୩୦ପ୍ରତିଶତ । ଧାର୍ମିକ ଅଳ୍ପସଂଖ୍ୟକ ୫ ପ୍ରତିଶତ ମିଶିଗଲେ, ଏହା ୩୫ପ୍ରତିଶତ ହୋଇଯିବ । ଗୋଟିଏ ନିର୍ବାଚନମଣ୍ଡଳୀରେ ସମୁଦାୟ ହାରାହାରୀ ମତଦାନ ହୁଏ ୬୫ ପ୍ରତିଶତରୁ ୭୦ ପ୍ରତିଶତ । ଆମର ଏହି ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ(ଆର୍.ପି.ଆଇ)ଦଳ ଉପରୋକ୍ତ ୩୫ ପ୍ରତିଶତ ଭୋଟ ନେବାକୁ ଆଶା ରଖିଛି । ଆଉ ବାକି ୩୫ ପ୍ରତିଶତ ସେମାନେ ସମସ୍ତେ ବାଂଟିକି ନେବେ । ତେଣୁ ଆମେ ନିଶ୍ଚିତ ଭାବେ ଜିତିବୁ । ସେମାନେ ଏହି ଉପନିର୍ବାଚନରେ ହାରିବା ଜାଣି ନିଜ ନିଜ ଭିତରେ ବାଡିଆପିଟା ଆରମ୍ଭ କରିଦେଲେଣି । ଗଣତନ୍ତ୍ରର ୪ଟି ସ୍ତମ୍ଭ ରହିଛି । ଆମ୍ଭମାନଙ୍କ ଭୋଟରେ ୫ବର୍ଷ ପାଇଁ ଜିତୁଥିବା ମନ୍ତ୍ରୀ ପରିଷଦ । ବିଚାରାଳୟ, ଯେଉଁଠାରେ ୩୫ବର୍ଷଧରି ଲୋକେ ବିଚାରପତି ହୁଅନ୍ତି । ପ୍ରଶାସନିକ କଳ, ଯେଉଁମାନେ ୩୫ବର୍ଷ ଧରି ଜନସାଧାରଣଙ୍କ ସେବକ ହୁଅନ୍ତି ଓ ଶେଷ ତଥା ଚତୁର୍ଥ ସ୍ତମ୍ଭ ହେଉଛି ପ୍ରଚାର ମାଧ୍ୟମ, ଯାହା ଜୀବନସାରା କିମ୍ବା ପରବର୍ତୀ ବଂଶଧର ପାଇଁ ମଧ୍ୟ ମାଲିକ ରୁହନ୍ତି ଯଥା- ସମାଜ, ଧରିତ୍ରୀ, ସମ୍ବାଦ,ପ୍ରମେୟ ଓ ଟିଭି ଚ୍ୟାନେଲ୍ ଇତ୍ୟାଦି । ଜନମଙ୍ଗଳ ରାଷ୍ଟ୍ରର ଗ୍ୟାରେନ୍ଟି ଦେଇ ଉପରୋକ୍ତ ୪ଟି ସ୍ତମ୍ଭକୁ ଜନସାଧାରଣଙ୍କ ହିତପାଇଁ ବ୍ୟବହାର କରାଯାଇଥାଏ । କିନ୍ତୁ ଭୋଟ ଆସିଲେ ଏହି ସବୁ ଦଳ ବା ସ୍ତମ୍ଭ ଆମ ନିକଟକୁ ପୋଖରୀ ଖୋଳିବା, ଧର୍ମାନୁଷ୍ଠାନରେ ପାଇଖାନା ବନେଇବା କିମ୍ବା ପାଚେରୀ ନିର୍ମାଣ କରିବା, ସ୍କୁଲ ଘର କାନ୍ଥ କିମ୍ବା କ୍ଲବ୍ ପାଇଁ ମଂଜୁରୀ ଦେବାକୁ ଆସନ୍ତି । ଭୋଟ୍ ପୂର୍ବ ରାତିରେ ଭୋଜି , ମଦ ଟିଣ ଧରି ଆମ ଘର ପାଖକୁ ଆସନ୍ତି । ଆମ୍ଭମାନଙ୍କୁ ଖୁସି କରିବା ପାଇଁ ଏମାନେ ଟଙ୍କିକିଆ ଚାଉଳ ଆମକୁ ଦିଅନ୍ତି । ଆମ୍ଭେ ଏଭଳି ଦରିଦ୍ର ହୋଇଯାଇଛୁ ଯେ, ଟଙ୍କିକିଆ ଚାଉଳ ପାଇଁ ଲମ୍ବା ଧାଡି ଲଗାଇ ଛିଡା ହେଉଛୁ । ସେମାନେ ବାସୁମତୀ ଚାଉଳ ଖାଆନ୍ତି, ସେମାନଙ୍କ କୁକୁର ମାଂସ ଖାଏ ଓ କ୍ଷୀର ପିଏ । ଆଉ ଆମେ...। କେନ୍ଦ୍ର ସରକାର ଯେଉଁ କୃଷି ଆଇନ୍ ଆଣିଛନ୍ତି, ତାହା ଏବେ ବି ଦେଶର ଚାରିଆଡେ ବିରୋଧ ଚାଲିଛି । ଯଦି ଏହାର ବିରୋଧ ସଫଳ ନ ହୁଏ, ତେବେ ଆଦାନୀଙ୍କ ଅମାରରେ ଦେଶର ଉତ୍ପାଦିତ ଶସ୍ୟ ମହଜୁଦ୍ ରହିବ । ଏଫ୍.ସି.ଆଇ ଓ ଗୋଦାମ ବନ୍ଦ ହୋଇଯିବ । ଟଙ୍କିକିଆ ଚାଉଳ ଆଉ କେହି କାହାକୁ ଦେବେ ନାହିଁ । ଯାହା ଦେଉଥିଲେ, ତାହା କାହାର ବାପାର ଧାନ ବିକା ପଇସା ନ ଥିଲା , ବରଂ ଆମରିଠାରୁ ଲୁଟି ଆମ ମୁହଁରେ ଟଙ୍କିକିଆ ଦାନା ଦେଇ ଲୁଟ୍ ଚାଲିଥିଲା । ଆମ ଦଳ ପ୍ରାର୍ଥୀ ଲୁଟ୍ କରି ରଖି ନଥିବାରୁ ସେ କାହାକୁ ଭୋଜି ଦେଇପାରିବେ ନାହିଁ, ଉତ୍କୋଚ ଦେଇପାରିବେ ନାହିଁ କି ମଦ ପିଇବାକୁ ଦେଇପାରିବେ ନାହିଁ । ଆପଣମାନଙ୍କ ଭୋଟରେ ସେବକ ହୋଇ ବିଧାନସଭାକୁ ଯିବେ ଓ ଆପଣମାନଙ୍କ ହକ୍ ପାଇଁ ବିଧାନସଭାରେ ଲଢିବେ । ଏହି ତିନିବର୍ଷିଆ ନିର୍ବାଚନରେ ଆମେ ହାଇକୋର୍ଟର ବରିଷ୍ଠ ଆଇନଜିବୀ ମହମ୍ମଦ ଇମାମୁଦ୍ଦିନ୍‌ଙ୍କୁ ପ୍ରାର୍ଥୀ କରିଛୁ । ତାଙ୍କର ଚିହ୍ନ ବଙ୍କୁଲିବାଡି । ପିପିଲିର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସର୍ବଦା ବଦ୍ଧପରିକର । ଏବେ ବିଚାର ଆପଣମାନଙ୍କ ହାତରେ !!!



# ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)-ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି । ଇଂଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ । ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତନ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତି ନିଆଯାଇଛି ।

ବିଧାନସୌଧରେ ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିୟୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ । ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି । ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ । ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ ।

ଓଡ଼ିଶା ନଲେଜ୍ କର୍ପୋରେସନ(ଓକେସିଏଲ୍) ସମସ୍ତ ପ୍ରକାର ବୈଷୟିକ କମ୍ପ୍ୟୁଟରୀକୃତ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରୁଛି ବୋଲି ଓକାକ୍ ର ସାଧାରଣ ପରିଚାଳକ ସୂଚନା ଦେଇଥିଲେ ତେଣୁ ବିଧାୟକମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ବିଧାନସଭା କର୍ମଚାରୀମାନଙ୍କୁ ଓସ୍ୱାସ୍ ତାଲିମ ପ୍ରଦାନ କରିବା ପାଇଁ ଓକେସିଏଲ୍ କୁ ନିୟୋଜିତ କରାଯାଇପରିବ ।

ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଓକାକ୍‌ର ସାଧାରଣ ପରିଚାଳକ (ପ୍ରଶାସନ), ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକ, ବିଏସ୍‌ଏନ୍‌ଏଲ୍‌ର ଉପଖଣ୍ଡ ଯନ୍ତ୍ରୀ ଏବଂ ପ୍ରିଂଟଲିଙ୍କର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

# ତତଲା ଚୈତ୍ର : ତାପମାତ୍ରା ୪୦ ଡ଼ିଗ୍ରୀ ଟପିଲାଣି ; ବୈଶାଖ, ଜ୍ୟୋଷ୍ଠରେ ସ୍ଥିତି ଅସମ୍ଭାଳ ହୋଇପାରେ

କଣାସ: ଋତୁରାଜ ବସନ୍ତର ଆଗମନ ହୋଇଛି । ବସନ୍ତରେ ମଳୟ ବହୁ ନି ବହୁଛି ଝାଞ୍ଜି, କୋଇଲି ଗାଉନି, କଥା କହୁଛି ଦିନର ଉତପ୍ତ ସୂର୍ଯ୍ୟ । ନା ଘରେ, ନା ବାହାରେ ରହିହେଉଛି ଏହି ବସନ୍ତରେ ଏବେ ଏବେ ଚୈତ୍ର ମାସରେ ସ୍ଥିତି ଏପରି । ଆସନ୍ତା ୧୪ ତାରିଖ ପଣା ସଂକ୍ରାନ୍ତୀ ପର ଠାରୁ ବୈଶାଖ ମାମ ଆରମ୍ଭ ହେବ । ତେବେ ବସନ୍ତରେ ମଳୟ କହିବା କଥା । ପରିବେଶ ନାତିଶୀତୃଷ୍ଣ ହେବା କଥା । ଅଳ୍ପ ଅଳ୍ପ ଶୀତ ସାଙ୍ଗକୁ ଟିକେ ଟିକେ ଉଷ୍ଣତା ଭରିଯିବା କଥା । କିନ୍ତୁ ଓଲଟା । ଗ୍ରୀଷ୍ମ ଋତୁ ଆସିବାକୁ ଆହୁରି ସମୟ ବାକି ଅଛି ଅଥଚ ଏବେ ଠାରୁ ବୈଶାଖ ଓ ଜ୍ୟୋଷ୍ଠର ତାତି । ସକାଳ ୧୦ଟା ଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଯେମିତି ଆକାଶରୁ ଅଗ୍ନି ବର୍ଷୁଛି । ଫଗୁଣର ତାତି ସିଝାଇ ଦେଉଛି ଦେହକୁ । ପାଣିପାଗର ପରିବର୍ତନ ଯୋଗୁଁ ଫଗୁଣ ଓ ଚୈତ୍ର ମାସରେ ଏପରି ଅସ୍ୱାଭାବିକ ତାପମାତ୍ରା ଦେଖିବାକୁ ମିଳୁଛି ବୋଲି ବୃଦ୍ଧ ବ୍ୟକ୍ତିମାନେ କହୁଛନ୍ତି । ଚୈତ୍ର ମାସରେ ଏମିତି ତାତି କେବେ ଦେଖି ନ ଥିଲା ବୋଲି ସେମାନେ ଉଦବେଗ ପ୍ରକାଶ କରି କହୁଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନସାଧାରଣଙ୍କୁ ବାରମ୍ବାର ସଚେତନତା ସତେ ଦିନକୁ ଦିନ ଗଛକାଟି ସଫା କରାଯାଉଥିବାରୁ ତାତିରେ ଏଭଳି ପରିବର୍ତନ ଘଟିଛି ବୋଲି କୁହାଯାଉଛି । ସେହିପରି ଗାଁ ଗାଁରେ ତିଆରି ହୋଇଥିବା କଂକ୍ରିଟି ରାସ୍ତା, ପକ୍କାଘର, ଏ.ସି ମେସିନ୍ ଯୋଗୁଁ ତାପମାତ୍ରାରେ ତରତମ୍ୟ ଦେଖାଯାଉଛି । ପୂର୍ବରୁ ଗାଁ ଗହଳିରେ ବହୁ ପୁରାତନ ଗଛ ଥିଲା । ରାସ୍ତା କଡରେ ମଧ୍ୟ ଅନେକ ପୁରାତନ ଗଛଥିଲା । କିନ୍ତୁ ଗାଁ ଗହଳି ରାସ୍ତାର ତିଆରି ଓ ମରାମତି ପାଇଁ ସେ ସବୁ ପୁରାତନ ଗଛକୁ କାଟି ଦିଆଯାଇଥିବାରୁ ତାପମାତ୍ରା ବୃଦ୍ଧି ପାଇ ଏବେ ୪୦ ଡିଗ୍ରୀ ଅତିକ୍ରମ କଲାଣି । ତାପମାତ୍ରା ଜନଜୀବନକୁ ଅସହ୍ୟ କରିଦେଇଛି । ସକାଳ ୧୦ଟା ବାଜିଲା ବେଳକୁ ଘରୁ ବାହାରି ହେଉନାହିଁ । ଏହି ତାପମାତ୍ରା ସଂଧ୍ୟା ୫ଟା ପର୍ଯ୍ୟନ୍ତ ବଳବତର ରହୁଛି । ଦିନରେ କାମ କରି ଜୀବିକା ନିର୍ବାହ କରୁଥିବା ଦିନ ମଜୁରିଆ ଶ୍ରମିକ ଶ୍ରେଣୀର ଲୋକମାନେ ତାତିକୁ ନେଇ ଚିନ୍ତିତ ହୋଇପଡିଛି । ଯଦି ଆଜିଠାରୁ ଏମିତି ହେଲାଣି ଆଗକୁ ସ୍ଥିତି କ'ଣ ହେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରୁଛନ୍ତି । ପ୍ରକାଶ ଥାଉକି, କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପତି ହୋଇଥିବାରୁ ଏଠାରେ ପାନୀୟଜଳ ସମସ୍ୟା ବର୍ଷସାରା ଲାଗିରହୁଥିବା ବେଳେ ରୌଦ୍ରତାପ ସମୟରେ ତାହା ଉଗ୍ରରୂପ ଧାରଣ କରେ । ଯାହା କି ଜିଲ୍ଲା ଓ ବ୍ଲକ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇପଡେ । ବର୍ତମାନ ଭୂତଳ ଜଳପତନ ହ୍ରାସ ଯୋଗୁଁ ନଳକୂପ ଓ ଗଭିର କୂପମାନ ଶୁଖିବାକୁ ବସିଲାଣି । ପାନୀୟଜଳ ସମସ୍ୟା ଯୋଗୁଁ କଣାସ ଅଂଚଳର ଜନସାଧାରଣ ଡହଳ ବିକଳ ହେଉଛନ୍ତି । ତୁରନ୍ତ ଏସବୁ ଅଂଚଳକୁ ଯୁଦ୍ଧକାଳିନ ଭିତିରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇଦେବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।

# ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ ।

ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।

ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବୋଲେରୋ ସହ ୧୨୦ କେଜି ୯୦୦ ଗ୍ରାମ୍ ଗଞ୍ଜେଇ ଜବତ, ଜଣେ ଗିରଫ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଂଚଳରୁ ବୋଲେରୋ ଯୋଗେ ଭୁବନେଶ୍ୱରକୁ ଚାଲାଣ ବେଳେ ୧୨୦ କେଜି ୯୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି ପୋଲିସ । ଘଟଣାରେ ଜଣକୁ ଗିରଫ କରିଛି ।ସୂଚନା, ଅନୁସାରେ ଫିରିଙ୍ଗିଆ ଥାନା ଅନ୍ତର୍ଗତ ସାଡ଼ିଙ୍ଗିଆ ଅଂଚଳରୁ ଏକ ବୋଲେରୋ ନଂ ଓଡ଼ି୫ୟୁ-୬୧୩୭ ଯୋଗେ ତିନୋଟି ବସ୍ତାରେ ଏହି ଗଞ୍ଜେଇ ଚାଲାଣ ହେଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଫିରିଙ୍ଗିଆ ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓ ଏହା ଉପରେ ଚଢ଼ଉ କରି ଗାଡିଟିକୁ ସାଡ଼ିଙ୍ଗିଆ ନିକଟରେ ଯାଂଚ୍ ବେଳେ ଏଥିରେ ଗଞ୍ଜେଇ ଚାଲାଣ କରାଯାଉଥିବା ଜଣାପଡିଥିଲା । ଏ ସଂକ୍ରାନ୍ତରେ ଗାଡ଼ିର ଡ୍ରାଇଭର ଫିରିଙ୍ଗିଆ ଥାନା ଅନ୍ତର୍ଗତ କାମ୍ବପଡ଼ା ଗ୍ରାମର ଅଜୟ ମାଝି (୨୪)କୁ ପୋଲିସ ଗିରଫ କରିବା ସହ ଗଞ୍ଜେଇ ଓ ବୋଲେରୋକୁ ଜବତ କରିଛି । ଏ ବାବଦରେ ଥାନାରେ ଏକ ମାମଲା ନଂ ୪୨/୨୧ ରେ ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ନେଇ ଫିରିଙ୍ଗିଆ ଥାନା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ।

## ରାଷ୍ଟ୍ରୀୟ ନବବର୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ

କଣାସ: ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ବକୁ ଗ୍ରାମପଚାଂୟତର ବକୁ ଗ୍ରାମରେ ପ୍ରତିଷ୍ଠିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପରିସରରେ ରାଷ୍ଟ୍ରୀୟ ନବବର୍ଷକୁ ବ୍ୟାପକ ଭାବେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀ ସ୍ୱୟଂ ସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ ଏବଂ ଭାରତୀୟ ଜନତା ପାର୍ଟୀ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଏପ୍ରିଲ ୧୪ ତାରିଖ ଚୈତ୍ର ଶୁକ୍ଳ ପ୍ରତିପଦରେ ବ୍ୟାପକ ଭାବରେ ପାଳନ କରିବା ପାଇଁ ଆହ୍ୱାନ ଦେଇ ବିଜେପିର ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଜଗଦେବ ବିଶ୍ୱର ସର୍ବପୁରାତନ ହିନ୍ଦୁ ସଂସ୍କୃତିରେ ପରିଚାୟକ ରାଷ୍ଟ୍ରୀୟ ନବବର୍ଷ ଅବସରରେ ପ୍ରତ୍ୟେକ ଘରଛାତରେ ଗୌରିକ ପତାକା ଏବଂ କଳସ ସ୍ଥାପନ କରିବାକୁ ନିବେଦନ କରିଥିଲେ । ବିଜେପି ନେତା ବିଶ୍ୱଜିତ୍ ବଡଜେନା ସଂଚାଳନ କରିଥିବା ରାଷ୍ଟ୍ରୀବାଦୀ ଶିକ୍ଷକ ପରିଷଦର କାର୍ଯ୍ୟକର୍ତା ଅନାଦି ଶ୍ରୀଚନ୍ଦନ, ରାଷ୍ଟ୍ରୀ ହିନ୍ଦୁ ନବବର୍ଷ ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନାଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ଉପସଭାପତି ଲକ୍ଷ୍ମୀଧର ଜଗଦେବ, ସାହୁପଡା ମଣ୍ଡଳର ସାଧାରଣ ସଂପାଦକ କିଶୋର ମାର୍ଥା, ନଂ-୩ ଜିଲ୍ଲା ପରିଷଦ ପ୍ରାର୍ଥୀ ଶଙ୍କର ବେହେରା, ବରିଷ୍ଠ ମଣ୍ଡଳ ଉପସଭାପତି ମହେଶ୍ୱର ବୈରିଗଞ୍ଜନ, କାଦୁଆ ଗ୍ରାମପଚାଂୟତର ବିଜେପି ନେତା ଅପର୍ତି ସ୍ୱାଇଁ, ପ୍ରଶାନ୍ତ ପରିଡା, ସତ୍ୟପିର ରାୟସିଂହ, ବିଶ୍ୱଜିତ୍ ବଡଜେନା(ଖୁଖା) ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଭାରତୀୟ ସଂସ୍କୃତି ଗାରିମାକୁ ବଜାୟ ରଖିବା ପାଇଁ ହିଂସା ଓ ଅସହିଂସୁ ତାକୁ ପରିହାର କରିବା ପାଇଁ ଆହ୍ୱାନ ଦେଇଥିଲେ । ସର୍ବପ୍ରଥମେ ଭାରତ ମାତା ଧ୍ୱନୀ ସହିତ ସାମୋହିକ ବନ୍ଦେ ମାତରମ୍ ଗାନ କରାଯାଇଥିଲା ।

# ବିଶ୍ୱବିଦ୍ୟାଳୟ ଆଇନ ପ୍ରତ୍ୟାହାର ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ରାଜ୍ୟପାଳଙ୍କୁ ଦାବୀପତ୍ର

ଭୁବନେଶ୍ୱର, (ପିଏନ)- ରାଜ୍ୟର ବହୁ କୁଳପତି, ପ୍ରଫେସର, ଅଧ୍ୟାପକ, ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀମାନଙ୍କ ପ୍ରତିବାଦକୁ ଏବଂ ମତାମତକୁ ସଂପୂର୍ଣ୍ଣ ଭୃକ୍ଷେପ କରି ଏବଂ ସମସ୍ତ ପ୍ରକାର ଗଣତାନ୍ତ୍ରିକ ରୀତିନୀତିକୁ ସୁକୌଶଳରେ ବଳି ପକାଇ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୦କୁ ରାଜ୍ୟ ସରକାର ବିଧାନସଭାରେ ପାରିତ କରିଛନ୍ତି। ଏହି ଅଗଣତାନ୍ତ୍ରିକ, ଛାତ୍ର ଅଧ୍ୟାପକ କର୍ମଚାରୀ ତଥା ଶିକ୍ଷା ବିରୋଧି ପଦକ୍ଷେପକୁ ଏ.ଆଇ.ଡି.ଏସ୍.ଓ ତରଫରୁ ଦୃଢ ବିରୋଧ କରାଯାଇ ଆଜି ରାଜଭବନ ସମ୍ମୁଖରେ ଏକ ବିକ୍ଷୋଭ ସଂଗଠିତ ହୋଇଥିଲା। ବିକ୍ଷୋଭ ସ୍ଥଳରୁ ରାଜ୍ୟପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇ ଏହାକୁ ତୁରନ୍ତ ରଦ୍ଦ କରିବା ସହ ପୁନଃ ସରକାରଙ୍କୁ ଫେରାଇ ଦେବାକୁ ଦାବୀ କରାଯାଇଛି ।

ସୂଚନାଯୋଗ୍ୟ ଯେ, ସିନେଟ୍ ଉଚ୍ଛେଦ, ଅଧ୍ୟାପକ ନିଯୁକ୍ତି ବିଶ୍ୱବିଦ୍ୟାଳୟ ହାତରୁ କାଢିନେଇ ଓ.ପି.ଏସ୍.ସି କୁ ପ୍ରଦାନ, କୁଳପତି ଚୟନରେ ସିଣ୍ଡିକେଟ ବଦଳରେ ସରକାରୀ ପ୍ରତିନିଧି ସ୍ଥାନ ପାଇବା, ସିଣ୍ଡିକେଟର କ୍ଷମତାକୁ ସଙ୍କୁଚିତ କରି ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଏହାର ସଭ୍ୟ କରିବା, ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାରେ ସରକାରୀ ନିୟନ୍ତ୍ରଣ ପ୍ରତିଷ୍ଠା କରିବା, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ୍‌କୁ ବାତିଲ କରିବା ଭଳି ବହୁ ମାରାତ୍ମକ ସୁପାରିଶ ରାଜ୍ୟର ଉଚ୍ଚ ଶିକ୍ଷାର ସମାଧି ରଚନା କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଅନ୍ୟପଟରେ ରାଜ୍ୟ ସରକାର ସମସ୍ତ ମତାମତକୁ ଉପେକ୍ଷା କରି କରୋନା ସମୟରେ ବିଧାନସଭାରେ ଯେଭଳି ଭାବେ ଏହି ବିଲକୁ ପାରିତ କଲେ ତାହା ରାଜ୍ୟରେ ଏକ କଳା ଇତିହାସ ସୃଷ୍ଟି କରିଛନ୍ତି । ସଂଖ୍ୟାଗରିଷ୍ଠତା ବଳରେ ରାଜ୍ୟର ଜନଗଣ ପ୍ରତି ଛୁରିକାଘାତ କରିଛନ୍ତି । ଏହି ଫାସୀବାଦୀ ପଦକ୍ଷେପ ବିରୁଦ୍ଧରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦୁଇ ଦିନ ଧରି ରାଜ୍ୟବ୍ୟାପୀ ବହୁ ପ୍ରତିବାଦ ବିକ୍ଷୋଭ, ବିଲ ପୋଡି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି ଏବଂ ଆଜି ରାଜଭବନ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ଏ.ଆଇ.ଡି.ଏସ୍.ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସଂପାଦକ ସୁବାସ ନାୟକ, ଉପସଭାପତି ସିର୍ଦ୍ଧାତ ରଥ, ଜୟନ୍ତ ମହାନ୍ତି, ସଂପାଦକ ମଣ୍ଡଳୀ ସଦସ୍ୟ ନସିମ ସରକାର, ଭାଗ୍ୟରବୀ ଦାସ, ସ୍ୱସ୍ତି ସଙ୍ଗିତା ଦଲାଇ, ବିନୋଦ ସେଠୀ, ତରୁଣସେନ ନାୟକ ପ୍ରମୁଖ ଛାତ୍ରନେତାମାନଙ୍କ ବିକ୍ଷୋଭରେ ସାମିଲ ହୋଇଥିଲେ । ଏହା ବିରୁଦ୍ଧରେ ରାଜ୍ୟର ଛାତ୍ର ସମାଜ, ବୁଦ୍ଧିଜୀବୀ, ସଚେତନ ନାଗରିକ ଏକଜୁଟ ହୋଇ ଆନ୍ଦୋଳନକୁ ଜୋରଦାର କରିବାକୁ ବିକ୍ଷୋଭ ସ୍ଥଳରୁ ଛାତ୍ରନେତାମାନେ ନିବେଦନ କରିଥିଲେ ।

# କରୋନା କଟକଣାକୁ ମାନୁନାହାଁନ୍ତି ଲୋକେ

କଣାସ: ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଆରମ୍ଭ ହୋଇଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ କରୋନା କଟକଣାକୁ କଡ଼ାକଡ଼ି ପାଳନ ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏପରିକି କଟକଣା ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ରହିଛି । ହେଲେ ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ବଜାର, ହାଟମାନଙ୍କରେ ଲୋକେ କରୋନା କଟକଣା ମାନୁ ନଥିବାରୁ ବୁଦ୍ଧିଜିବୀ ମହଲରେ ଉଦବେଗ ପ୍ରକାଶ ପାଇଛି । କଣାସ ବ୍ଲକର ବିଡିଓ, ତହସିଲଦାର, ଥାନା ଅଧିକାରୀମାନଙ୍କୁ କରୋନା କଟକଣା ପାଳନ ଓ ଯାଂଚ୍ ଉପରେ ଜିଲ୍ଲାପାଳ କ୍ଷମତା ପ୍ରଦାନ କରିଥିବା ବେଳେ କଣାସ ବ୍ଲକରେ ସରକାରୀ ଅଧିକାରୀମାନେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଦେଖିବାକୁ ମିଳିଛି । କଣାସ ହାଟରେ ଶହଶହ ଦୋକାନୀ ଓ ଶହଶହ ଗ୍ରାହକ ବିନାମାସ୍କରେ ସାମାଜିକ ଦୂରତା ନ ରଖି ହାଟରେ ଗହଳି କରୁଥିବା ଦେଖିବାକୁ ମିଳିଛି । ସେହିପରି ବ୍ଲକର ବିଭିନ୍ନ ବଜାର ହାଟମାନଙ୍କରେ ଦୋକାନି ଓ ଗ୍ରାହକମାନେ ମୁହଁରେ ମାସ୍କ ପିନ୍ଧୁନାହାଁନ୍ତି ଓ ସାମାଜିକ ଦୂରତା ରଖୁନାହାଁନ୍ତି । ଗତ ୨୪ ତାରିଖ ଦିନ ବିଡିଓ ଲୋଚନ ଦାସ ସମସ୍ତ ସରପଚଂମାନଙ୍କର ଏକ ବୈଠକ ଡାକି ଜିଲ୍ଲାପାଳଙ୍କ କରୋନା ପାଇଁ ଥିବା ନିର୍ଦ୍ଦେଶ ସମ୍ପର୍କରେ ଜଣାଇଥିଲେ ମଧ୍ୟ ସରକାରୀ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ଚୁପଚାପ ରହିଯିବା ହେତୁ ଆମାନିଆମାନଙ୍କର ପାର୍ଦ୍ଦୁଭାବ ବଢି ଚାଲିଛି । ଯାହା ପରବର୍ତି ସମୟରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି କରିବା ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି । ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳ ନିଜେ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଗଞ୍ଜାମରେବାହାଘର ଭୋଜି ଆୟୋଜନ ଉପରେ କଟକଣା

ଗଞ୍ଜାମ:ଗଞ୍ଜାମ ଜିଲ୍ଲାରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ଦୃଷ୍ଟିରୁ ଜିଲ୍ଲା ପାଇଁ ପୁଣି ଥରେ ନୂତନ ଗାଇଡ୍ ଲାଇଡ୍ ଜାରୀ କରିଛି ଜିଲ୍ଲା ପ୍ରଶାସନ । ବାହାଘର ଭୋଜି ମାନଙ୍କରେ ୫୦୦ ଲୋକ ଯୋଗ ଦେବାର ବ୍ୟବସ୍ଥା ଥିବା ବେଳେ ବର୍ତମାନ ଏଥିରେ କାଟଛାଟ୍ କରାଯାଇଛି । ଏପରିକି ବାହାଘରରେ କୌଣସି ଭୋଜିଭାତର ଆୟୋଜନ ହେବ ନାହିଁ । କେବଳ ୧୦୦ ଜଣଙ୍କ ପାଇଁ ଖାଦ୍ୟ ପ୍ୟାକେଟ୍ ପ୍ରସ୍ତୁତ କରାଯାଇ ବନ୍ଧୁବାନ୍ଧବ ଓ ସମ୍ପର୍କିୟଙ୍କୁ ବଂଟନ କରାଯିବ । ଆଜି ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତାକୁଲାଙ୍ଗେ ଘୋଷଣାନାମା ଜାରୀ କରିଛନ୍ତି ।






# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ଓ.ଇ.ଆର.ସି. କାର୍ଯ୍ୟାଳୟ ଘେରାଉ



ଭୁବନେଶ୍ୱର: ଓଡିଶା ପ୍ରଦେଶ କଂଗ୍ରେସ କମିଟି ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ମିଳିତ ଆନୁକୂଲ୍ୟରେ ବାରମ୍ବାର ବିଦ୍ୟୁତ ଦର ବୃଦ୍ଧି ପ୍ରତିବାଦରେ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓ.ଇ.ଆର.ସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଓ.ଇ.ଆର.ସି. ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ବିକ୍ଷୋଭରେ ଯୋଗଦେଇ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରନ ପଟ୍ଟନାୟକ କହିଲେ ଯେ ୨୦୧୬ ମସିହାର ବିମୁଦ୍ରୀକରଣ ଓ ବର୍ତ୍ତମାନର କରୋନା ମହାମାରୀର ସମ୍ମୁଖିନ ହୋଇ ରାଜ୍ୟବାସୀ ହନ୍ତସନ୍ତ ହୋଇପଡିଥିବା ବେଳେ କ୍ରମାଗତ ଭାବେ ୬ ମାସ ତଳେ ୟୁନିଟ୍ ପିଛା ୨୦ ପଇସା ଓ ସଦ୍ୟ ୩୦ ପଇସା ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ କଂଗ୍ରେସ ବିରୋଧ କରୁଛି । ବିଶେଷକରି ଏହାଦ୍ୱାରା ମଧ୍ୟବିତ, ନିମ୍ନମଧ୍ୟବିତ ଓ ଗରିବ ଶ୍ରେଣୀର ଲୋକ ବହୁ ମାତ୍ରାରେ ପ୍ରଭାବିତ ହୋଇଛନ୍ତି । ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କକୁ ପ୍ରତ୍ୟାହାର କରନ୍ତୁ । ସାରା ରାଜ୍ୟରେ ଏଥିପାଇଁ ଜନ ଅସନ୍ତୋଷ ବୃଦ୍ଧି ପାଇଛି । ଯାହାର ପ୍ରତିଫଳନ କଂଗ୍ରେସ ଦଳ ଡାକରାରେ ସମସ୍ତ ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ବିକ୍ଷୋଭରୁ ପ୍ରମାଣିତ ହୋଇଛି । ପ୍ରତ୍ୟେକ ବ୍ଲକ କଂଗ୍ରେସ ପକ୍ଷରୁ ବିଦ୍ୟୁତ ଶୁଳ୍କ ବୃଦ୍ଧି ନିଷ୍ପତିର ପ୍ରତ୍ୟାହାର ନିମନ୍ତେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସଂପୃକ୍ତ ବିଦ୍ୟୁତ୍ ଅଧିକାରୀଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସେହିପରି ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆ କହିଲେ ଯେ ବିଦ୍ୟୁତ୍ ଉତ୍ପାଦ ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି କୋଇଲା ଏବଂ ଜଳ । ଯେଉଁଥିରେକି ଆମ ରାଜ୍ୟରେ ସ୍ଥିତି ବହୁତ ଭଲ । କିନ୍ତୁ ରାଜ୍ୟ ସରକାରଙ୍କ ଏହି ବିଦ୍ୟୁତ୍ ଦର ବୃଦ୍ଧି ଦୁର୍ଭାଗ୍ୟଜନକ । କଂଗ୍ରେସ ନେତା ଶୁଭେନ୍ଦୁ ମହାନ୍ତି କହିଲେ ଯେ ରାଜ୍ୟ ସରକାର ଏବଂ ଘରୋଇ କମ୍ପାନୀଗୁଡିକ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି, ସେଥିରେ ଗରିବ ଜନସାଧାରଣ ହଇରାଣ ହେଉଛନ୍ତି ଏବଂ ବିଦ୍ୟୁତ୍ ଉତ୍ପାଦନ ଖର୍ଚ୍ଚ ପ୍ରତ୍ୟେକ ୟୁନିଟ୍ ପିଛା ୩ ଟଙ୍କା ହୋଇଥିବା ବେଳେ ସାଧାରଣ ଲୋକ ପ୍ରତି ୟୁନିଟ୍ ପିଛା ୬ ଟଙ୍କା ଦେଉଛନ୍ତି । ଟାଟା କମ୍ପାନୀ ନେବା ପୂର୍ବରୁ ୟୁନିଟ୍ ପିଛା ୨୦ ପଇସା ବଢ଼ିଥିଲା, ନେବା ପରେ ୩୦ ପଇସା ବଢ଼ାଇଛି ଏହା କାହା ଉଦ୍ଦେଶ୍ୟରେ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଶେଷରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ କହିଥିଲେ ଯେ ଦିଲ୍ଲୀ ପରି ସହରରେ ନିଜସ୍ୱ ବିଦ୍ୟୁତ୍ ଉତ୍ପାଦନର ଉତ୍ସ ନଥିବା ବେଳେ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ଯାଏଁ ମାଗଣାରେ ବିଦ୍ୟୁତ ଯୋଗାଇ ଦିଆଯାଉଛି । କିନ୍ତୁ ଓଡିଶାରେ ଆବଶ୍ୟକତା ଠାରୁ ୮୦୦ ମେଗାୱାଟ୍ ଅଧିକ ବିଦ୍ୟୁତ୍ ଉତ୍ପାଦନ ହେଉଥିବା ବେଳେ ଓଡିଶା ସରକାରଙ୍କ ଦ୍ୱାରା ବାରମ୍ବାର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଅମୂଳକ । ତେଣୁ ଏହି ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ପ୍ରତ୍ୟାହାର କରାଯାଉ । ନଚେତ୍ କଂଗ୍ରେସ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ପଛଘୁଂଚା ଦେବ ନାହିଁ । ଏହି ବିକ୍ଷୋଭ କାର୍ଯ୍ୟକ୍ରମକୁ ବ୍ଲକ ସଭାପତି ଶ୍ରୀ ଅଶୋକ ଦାସ ପରିଚାଳନା କରିଥିଲେ । ପରିଶେଷରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ପ୍ରତିନିଧି ମଣ୍ଡଳୀ ଓଇଆରସି ଅଧକ୍ଷଙ୍କୁ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସର୍ବଶ୍ରୀ ପ୍ରଦୀପ ମାଝୀ, ଶିବାନନ୍ଦ ରାୟ, ମନୋରଜ ଦାଶ, ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ସେକ୍ ଅଫତାବ ଅଲ୍ଲୀ, ମୋହନ ଜେନା, ବ୍ରହ୍ମାନନ୍ଦ ସାହୁ, ଆଶିଷ ମଲ୍ଲିକ, ଇନ୍ଦ୍ରଜିତ୍ ପରିଡା, ଶ୍ରୀଧର ବଳିଆରସିଂ, ଦୀପକ ସାହୁ, ବିସ୍ମୟ ମହାପାତ୍ର, ମନୋରଜ ଜେନା, ସୁଶାନ୍ତ ତ୍ରିପାଠୀ, ସଂକୁନା ମହଁର, ରଜନୀ ମହାନ୍ତି, ଦୀପକ ମହାପାତ୍ର, ଶତ୍ରୁଘନ ବେହେରା, ବିଜୟ ଦ୍ୱିବେଦୀ, ମନୋରଜ ବଟୁ, ସେକ୍ ତାକ୍ୱିମ୍, ଶିବନ୍ ମୁଶରଫ, ମନୋଜ ସାହୁ, ଦେଓ ପ୍ରସାଦ, ଚିନ୍ମୟ ସୁନ୍ଦର ଦାସ, ପ୍ରମେଶ ସାହୁ, ଅନିଲ୍ ଦାସ, ସ୍ୱାଧିନବାଳା ଦାସ, ଚୈତାଳି ପଟ୍ଟନାୟକ, କୁସୁମ ପ୍ରଧାନ, ସୁବ୍ରତ ସେନାପତି, ଜେ.ବି. ତ୍ରିପାଠୀ, ଏମ୍ଡି ଶାହାଦୁଲ୍ଲା, ନିଆଜୁଲ ଇସ୍‌ଲାମ, କୈଳାସ ସାହୁ, ଖଗେଶ୍ୱର ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଜଙ୍ଗଲରେ ମହୁଲ ଗୋଟାଉ ଥିବାବେଳେ ହାତୀ ଆକ୍ରମଣରେ ଯୁବକ ମୃତ

କେନ୍ଦୁଝର:ଚମ୍ପୁଆ ରେ ବାମେବାରୀ ସେକ୍ସନ ଦୁବୁନା ବିଟ୍‌ର ଜାମୁପଶି ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ଯୁବକର ମୃତ୍ୟୁ ହୋଇଛି । ମୃତକଙ୍କ ନାମ ଉବ ଚମ୍ପିଆ ଏବଂ ତାଙ୍କ ବୟସ ୪୫ବର୍ଷ ହେବ ବୋଲି ଜଣାପଡିଛି । ଆଜି ଦିନ ୧୦ଟା ସମୟରେ ଜାମୁପଶି ଗ୍ରାମ୍ୟ ଜଙ୍ଗଲରେ ମହୁଲ ଫୁଲ ସଂଗ୍ରହ କରୁଥିବା ବେଳେ ସେହି ଜଙ୍ଗଲରେ ଥିବା ୩ଟି ହାତୀ ମଧ୍ୟରୁ ଦନ୍ତା ହାତୀଟି ହଠାତ୍ ଆକ୍ରମଣ କରିଥିଲା । ଆକ୍ରମଣ ପରେ ଉବ ଚମ୍ପିଆ ଗୁରୁତର ହୋଇ ଫରେଷ୍ଟର ଜଙ୍ଗଲରେ ପଡିଥିବା ବେଳେ ସ୍ଥାନୀୟ ଲୋକ ବାମେବାରୀ ଫରେଷ୍ଟର ପବିତ୍ର ସାହୁ ଏବଂ ଦୁବୁନା ଫରେଷ୍ଟଗାର୍ଡ ହୃଷିକେଶ ପାତ୍ର ଗୁରୁତର ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଉବ ଚମ୍ପିଆଙ୍କ ଘର ଜାମୁପଶି ଗ୍ରାମରେ ବୋଲି ଜଣାପଡିଛି । ଏହି ଜଙ୍ଗଲରେ ଗତ ୨/୩ ଦିନ ଗୋଟିଏ ଦନ୍ତା, ଗୋଟିଏ ମାଇ ହାତୀ ଓ ଗୋଟିଏ ଛୁଆ ହାତୀ ରହିଛନ୍ତି ।

## ଅନ୍ଧବିଶ୍ୱାସର କୁପରିଣତି : ଗୁଣିଆ କଥାରେ ପଡି ଏକ ପରିବାରକୁ ସାମାଜିକ ବାଛନ୍ଦ ଅଭିଯୋଗ



କେନ୍ଦ୍ରାପଡା : କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଥାନା ଅନ୍ତର୍ଗତ ବନ୍ଧପଡା (ପୋଖରୀସାହି) ଗ୍ରାମର ପ୍ରଫୁଲ୍ଲ ମଇଙ୍କ ପତ୍ନୀ ମାନସୀ ମଇ ଓ ଗ୍ରାମର ଅନ୍ୟ ମହିଳାମାନଙ୍କ ସହ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ଅନ୍ଧ ବିଶ୍ୱାସକୁ ଆଧାର କରି ତନ୍ତ୍ର ସାଧନା କରୁଥିବା ଜଣେ ଗୁଣିଆର କଥାରେ ପଡି ଗ୍ରାମର ବିଜୟ ଦାସଙ୍କ ସହିତ କେତେକ ଖଳ ପ୍ରକୃତିର ଲୋକ ମିଶି ଅତ୍ୟନ୍ତ ଅନ୍ୟାୟ ଭାବେ ଜୋର ଜବରଦସ୍ତ ତାଙ୍କୁ ଚୋରଣୀ ସଜାଇଦେବା ପାଇଁ ହୀନ ଉଦ୍ୟମ କରିଛନ୍ତି । ବିଜୟ ଦାସଙ୍କ ଘରୁ ଚୋରୀ ହୋଇଥିବା ସଂପର୍କରେ ସେମାନେ ଥାନାକୁ ନଜଣାଇ ଗୁଣିଆ ଦ୍ୱାରା ପୂଜାପାଠ ମାଧ୍ୟମରେ ତାଙ୍କୁ ଯୋରଜବରଦସ୍ତ ଚାଉଳ ଖାଇବାକୁ ବାଧ୍ୟ କରି ସେ ଚୋରି କରିଛନ୍ତି ବୋଲି ଅପବାଦ ଦେଇ ତାଙ୍କୁ ଏବଂ ତାଙ୍କ ପରିବାରକୁ ସାମାଜିକ ବାଛନ୍ଦ କରିଦେଇଥିବା ଅଭିଯୋଗ ହୋଇଛି । ତାଙ୍କର ସ୍ୱାମୀ ଜଣେ ରାଜମିସ୍ତ୍ରୀ ଭାବରେ କାର୍ଯ୍ୟ କରି ଦୈନିକ ମଜୁରୀରେ ଘର ପ୍ରତିପୋଷଣ ହୋଇଥାଏ । ଚୋରୀ ସଂପର୍କରେ ସେମାନେ କେହି ଜାଣିନଥିବା ସତ୍ତ୍ୱେ ତାଙ୍କ ପରିବାରକୁ ଚୋର ସଜାଇ ଦିଆଯାଇ ମିଥ୍ୟା ଅପବାଦ ଦିଆଯାଉଛି । ଯାହା ଫଳରେ କି ତାଙ୍କର କଲେଜ ପଢୁଆ ଝିଅ କଲେଜକୁ ଯାଇପାରୁନାହିଁ । ତେଣୁ ସେହି ପରିବାରଟିକୁ ଚୋରି ଅପବାଦରୁ ମୁକ୍ତ କରି ସାମାଜିକ ସୁରକ୍ଷା ଦେବାପାଇଁ ଗ୍ରାମର ମାନସୀ ମଇ, ମଧୁସ୍ମିତା ମଇ ନିବେଦିତା ମଇ, ବିଜୟ ଲକ୍ଷ୍ମୀ ଦାସ, ବିମଳା ମଇ, ବିଜୁଳି ଖ୍ୱାଲାର, ଲକ୍ଷ୍ମୀପ୍ରିୟା ଦାସ, ଗାୟତ୍ରୀ ମଇ, ମଞ୍ଜୁଲତା ମଇ, ପ୍ରଫୁଲ ମାଇ ପ୍ରମୁଖ ସି.ପି.ଆଇ.(ଏମ) ଜିଲ୍ଲା ସାଧାରଣ ସମ୍ପାଦକ ଗୟାଧର ଧଳଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଭେଟି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି ।

## ଖୋର୍ଦ୍ଧାରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ

ଖୋର୍ଦ୍ଧା : ଭାରତୀୟ ଜନତା ପାର୍ଟିର ୪୧ତମ ପ୍ରତିଷ୍ଠା ଦିବସ ମଳିପଡ଼ାସ୍ଥିତ ଦଳିୟ କାର୍ଯ୍ୟାଳୟରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି । ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଂଜନ ମଙ୍ଗରାଜଙ୍କ ସଂଚାଳନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପାର୍ଟିର ପୂର୍ବ ରୂପ ଜନ ସଂଘର ପ୍ରତିଷ୍ଠାତା ଡ଼କ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ ପ୍ରତିଷ୍ଠାତା ସଦସ୍ୟ ତଥା ଚିନ୍ତା ନାୟକ, ପଣ୍ଡିତ ଦିନ୍‌ଦୟାଲ ଉପାଧ୍ୟାୟ ଏବଂ ଭାରତ ମାତାର ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଦେଶ ବନ୍ଦନା ଗାନ କରାଯାଇଥିଲା । ଉପସ୍ଥିତ ସଦସ୍ୟମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ଖଣ୍ଡେଇତରାୟ ପାର୍ଟି ପ୍ରତି ନିଷ୍ଠାବାନ ଏବଂ ସଂଗଠିତ ହୋଇ କାର୍ଯ୍ୟକ୍ରମ କରିବା ସହିତ ୱାର୍ଡ଼ ସଂଗଠନକୁ ମଜଭୁଦ କରିବା ପାଇଁ ଶପଥ ପାଠ କରାଇଥିଲେ । ପାର୍ଟିର ଇତିହାସ ଏବଂ ଦେଶ ଗଠନରେ ବିଜେପିର ଅବଦାନ ଏବଂ ନେତୃମଣ୍ଡଳିଙ୍କ ବଳିଦାନ ସମ୍ପର୍କରେ ଶ୍ରୀରଂଜନ ମଙ୍ଗରାଜ ନିଜର ମତ ବ୍ୟକ୍ତ କରିଥିଲେ । ଦକ୍ଷିଣ ମଣ୍ଡଳ ସଭାପତି ସୀତାରାମ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ବଡ଼ପୋଖରୀଆ ମଣ୍ଡଳ ସଭାପତି ବିପିନ କୁମାର ପାଲଟାସିଂହ ଜିଲ୍ଲାକାର୍ଯ୍ୟକାରୀଣୀ ସଦସ୍ୟ କିଶୋର ବରାଳ, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଆଶିଷ ବରିଶଲ ପୂର୍ବତନ ମଣ୍ଡଳ ସଭାପତି ରମାକାନ୍ତ ଜେନା, ଯୁବନେତା ବିଶ୍ୱଭୂଷଣ ପଟ୍ଟନାୟକ, ଗଙ୍ଗାଧର ଚମ୍ପତି, ମାନସ ବିଶ୍ୱାଳ ଓ ବିଜୟ ପାଇକରାୟ ପ୍ରମୁଖ ବରିଷ୍ଠ କାର୍ଯ୍ୟକର୍ତାମାନେ ଯୋଗ ଦେଇଥିଲେ ।

## ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନି ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ




ଭୁବନେଶ୍ୱର: ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନି ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ଓଡିଶା ବରିଷ୍ଠ ନାଗରିକ ସଂଘ ସଭାପତି ମଧୁମାଧବ ଜେନା, ସମାଜସେବୀ ମନୋଜ ସାହୁ, ପୂର୍ବତନ କର୍ପୋରେଟର ମୋନାଲିସା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମସ୍ୟା ଓ ସେମାନଙ୍କର ସମାଜ ପ୍ରତି ଅବଦାନ ବିଷୟରେ ଆଲୋଚନା କରିଥିଲେ । ସଂଘର ସଭାପତି ହାଡିବନ୍ଧୁ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କୋଷାଧ୍ୟକ୍ଷ ବଂଶୀଧର ନାୟକ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ସଂଘର ଯୁଗ୍ମ ସମ୍ପାଦ ପବିତ୍ର ମୋହନ ପରିଛା ଅତିଥି ପରିଚୟ ପ୍ରଦାନ ଓ ରବୀନ୍ଦ୍ର ନାଥ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ସଂଘର ଉପସଭାପତି କୃଷ୍ଣଚନ୍ଦ୍ର ସୁଆର ଧନ୍ୟବାଦ ଦେଇଥିଲେ ।

## ସନ୍ତୋଷୀ ମା' ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀଙ୍କ ଅବସର

କେନ୍ଦୁଝର:ସଦର ବ୍ଲକ ଅନ୍ତର୍ଗତ ସନ୍ତୋଷୀ ମା ରିଜିଓନାଲ ଉଚ୍ଚ ବିଦ୍ୟାଳୟ ଝାଡବେଲଦାର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଲିଲିକୁମାରୀ ମହାନ୍ତ ଏପ୍ରିଲ ୩୧.୦୩.୨୦୨୧ଦିନ ଅବସର ଗ୍ରହଣ କରିଛନ୍ତି । ଆଜି ଏଥି ସକାଶେ ଏକ ନିରାଡମ୍ବର ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟରେ ଆୟୋଜନ କରାଯାଇଥିଲା । ଶ୍ରୀମତୀ ମହାନ୍ତ ୧୯୮୫ ମସିହାରେ ସହକାରୀ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ୨୦୧୩ ମସିହାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଭାବେ କାର୍ଯ୍ୟ ଭାର ଗ୍ରହଣ କଲେ । ଏହି ଅବସରରେ ପରିଚାଳନା ପରିଷଦର ବରିଷ୍ଠ ସଦସ୍ୟ ପ୍ରାକ୍ତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ହୋତା ତାଙ୍କ ଅଭିଭାଷଣରେ ଶ୍ରୀମତୀ ମହାନ୍ତଙ୍କ ଗୁଣାବଳି ବର୍ଣ୍ଣନା କରିବାକୁ ଯାଇ କହିଥିଲେ ଯେ ଶ୍ରୀମତୀ ମହାନ୍ତ ଜଣେ ସରଳ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷୟତ୍ରୀ ଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ଯଦିଓ ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ହଷ୍ଟେଲ ଓ ଆନୁସଙ୍ଗିକ ବ୍ୟବସ୍ଥା ଥିବା ସତ୍ତ୍ୱେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ପୂର୍ବାପେକ୍ଷା ବହୁ ଗୁଣରେ କମି ଯାଇଥିଲା । ସମନ୍ୱୟର ଅଭାବ ଓ ଶ୍ରୀମତୀ ମହାନ୍ତଙ୍କ ନିଜର କାର୍ଯ୍ୟ ଭାର ଯୋଗୁଁ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି କରିବାରେ ନିଜର ଧ୍ୟାନ କେନ୍ଦ୍ରିତ କରିପାରି ନଥିଲେ । ସେ ଯାହା ହେଉ ନିଜର ଚାକିରୀ କାଳ ମଧ୍ୟରେ ଶ୍ରୀମତୀ ମହାନ୍ତଙ୍କ ସରଳ ଓ ନିରାଡମ୍ବର ସ୍ୱଭାବ ଯୋଗୁଁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ନିକଟରେ ବେଶ୍ ଆଦରଲାଭ କରିପାରି ଥିଲେ । ଏଥି ନିମିତ୍ତ ଶ୍ରୀ ହୋତା ଓ ଭାଗ ନେଇଥିବା ଅବଶିଷ୍ଟ ପରିଚାଳନା ପରିଷଦର ସଭ୍ୟ ବୃନ୍ଦ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ସହ ମା'ତାରିଣୀଙ୍କ ନିକଟରେ ତାଙ୍କର ଅବଶିଷ୍ଟ ଜୀବନର ଦୀର୍ଘ ଓ ନିରାମୟ ପାଇଁ ପ୍ରାର୍ଥନା କରିଥିଲେ । ଏଥିରେ ପରିଚାଳନା ପରିଷଦର ସଦସ୍ୟ ରାଜେନ୍ଦ୍ର ସିଂ, ଅକ୍ଷୟ ମହାରଣା, ଜୟନ୍ତୀ ସିଂ ତଥା ସନ୍ତୋଷ ମା' ଯୁକ୍ତ ୨ କଲେଜର ଅମୀୟ ସାମନ୍ତରା, ପୂର୍ବତନ କ୍ରୀଡା ଶିକ୍ଷକ ଲମ୍ବୋଦର ମହାନ୍ତ, ପୂର୍ବତନ କିରାଣୀ ସୁରେଶ କୁମାର ହୋତା ପ୍ରମୁଖ ଭାଗ ନେଇଥିଲେ । ବର୍ତ୍ତମାନର କାର୍ଯ୍ୟରତ ବରିଷ୍ଠ ଶିକ୍ଷକ ମହେନ୍ଦ୍ର କୁମାର ମହାନ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ଦାୟୀତ୍ୱ ତୁଲାଉ ଥିବାରୁ ଶ୍ରୀ ମହାନ୍ତ ଉକ୍ତ ଶିକ୍ଷାନୁଷ୍ଠାନଟିକୁ ଜିଲ୍ଲାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଗଢି ତୋଳିବାକୁ ସମସ୍ତ ପ୍ରୟାସ ଜାରି କରିବେ ବୋଲି କହିଥିଲେ । ଏଥିନିମିତ ଶିକ୍ଷାନୁଷ୍ଠାନର ସମସ୍ତ ସହକର୍ମୀଙ୍କ ସହ ଅଂଚଳବାସୀଙ୍କ ସହଯୋଗ କାମନା ମଧ୍ୟ କରିଥିଲେ । ସଭାଟି ପରିଚାଳନାରେ ପ୍ରମୁଖ ଭାଗରେ ଶିକ୍ଷକ ରଂଜନ କୁମାର ଦାସ, ରମେଶ ମହାନ୍ତ, ନିର୍ମଳ ମହାନ୍ତ, ବସନ୍ତ ସାହୁ, ପ୍ରଶାନ୍ତ ମହାନ୍ତି ତଥା ପିଅନ ମାୟାଧର ରଣା ସହଯୋଗ କରିଥିଲେ । ପରିଶେଷରେ ଶିକ୍ଷକ ରଂଜନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray